

ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା ଦାବିରେ ସମୂହ ଦୀପଦାନ

**ରତ୍ନଗିରି,୨୫।୯ (ଡି.ଏନ୍.ଏ.):** ନଦୀ ଜଳର ଅପବ୍ୟବହାର କରାଯିବା ଯୋଗୁ କେବଳ ବରୀ ଅଞ୍ଚଳ ନୁହେଁ ସାରା ପୃଥିବୀରେ ଜଳର ଆବଶ୍ୟକତା ଦେଖାଦେଇଛି। ଏହାକୁ ନେଇ ବୁଧବାର ବରୀ ଅଞ୍ଚଳର ଶତାଧିକ ମହିଳା ଜଳ ସଂଗ୍ରକ୍ଷଣ ଏବଂ ବ୍ରହ୍ମଣୀ ନଦୀକୁ ଚିର ସ୍ରୋତା କରିବା ଉଦ୍ଦେଶ୍ୟରେ ସମୂହ ଦୀପଦାନ କରିଛନ୍ତି। ବରୀ ଅଞ୍ଚଳ ଦେଇ ଯାଇଥିବା ବ୍ରହ୍ମଣୀ ସୁଷ୍କ ହୋଇପଡିଥିବା ବେଳେ ବିଭିନ୍ନ ସ୍ୱେଚ୍ଛା ସେବୀ ସଂଗଠନ,ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ଦଳର ଲୋକେ ବାରମ୍ବାର ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ନଦୀକୁ ଚିର ସ୍ରୋତା କରିବା କ୍ଷେତ୍ରରେ କୌଣସି ପଦକ୍ଷେପ ନିଆ ଯାଇନାହିଁ। ଏହାକୁ ନେଇ ସନ୍ଧ୍ୟାରେ ହାଟସାହି ସୁକଳ ଗ୍ରାମର ଶତାଧିକ ମହିଳା ଦୀପ ଦାନ କରି ନଦୀକୁ ଆରାଧନା କରିଥିଲେ। ପ୍ରକାଶ ଯେ, ୨ ବର୍ଷ ଧରି ଗ୍ରାମର ମହିଳାମାନେ ଦୀପଦାନ କରି ନଦୀକୁ ଚିରସ୍ରୋତା କରିବା କ୍ଷେତ୍ରରେ ଦାବି କରି ଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ସାମାଜିକ କର୍ମୀ ଭାରତୀ ଦାସ, ମାନସ ରଞ୍ଜନ ମିଶ୍ର, ସାମାଜୀକ କର୍ମୀ ବୀରବର ନାୟକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଲିନାଲତା ବେହେରା, ଉର୍ମିଳା ପ୍ରଧାନ, ଜୟନ୍ତି ପ୍ରଧାନ, ପ୍ରମଲତା ଘଡ଼ାଇ, ରାଧାରାଣି ପ୍ରଧାନ ପ୍ରମୁଖ ଯୋଗ ଦେଇ ଦୀପ ଦାନ କରିଥିଲେ।

### ଏଚ୍‌ଡିଏଫ୍‌ସି ପକ୍ଷରୁ ଗ୍ରାମୀଣ ଋଣ ମହୋତ୍ସବ

**ଯାଜପୁର ଅଫିସ,୨୫।୯:** ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ବୁଧବାର ଧର୍ମଶାଳା ଭବନଠାରେ ଗ୍ରାମୀଣ ଋଣ ମହୋତ୍ସବ ଅନୁଷ୍ଠିତ ହୋଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଧର୍ମଶାଳା ବିଡିଓ ହେମନ୍ତ କୁମାର ସ୍ୱାଇଁ, ବଡଚଣା ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ଏଚ୍‌ଡିଏଫ୍‌ସି ଜୋନାଲ ମୁଖ୍ୟ ରାଜେଶ ଶ୍ରୀବାସ୍ତବ, କ୍ଲଷ୍ଟର ମୁଖ୍ୟ ଶୁଭାଶିଷ ଚୌଧୁରୀ, ଗ୍ରୁପ୍ ହେଡ ଦୀପକ ମହାନ୍ତି, ରାଜା ଦାସ ଏବଂ ଯାଜପୁର ଜିଲାର ୬ବ୍ୟାଙ୍କ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ। କାର, ବାଇକ, କମର୍ସିଆଲ ଗାଡ଼ି, ଟ୍ରାକ୍ଟର ଋଣ ଆଦି ପ୍ରଦାନ କରାଯାଇଥିଲା।

# ୧୦୦ ଶଯ୍ୟା ପାଇଁ ୩୭୦.୧୧ କୋଟି ବ୍ୟୟ ଅଟକଳ



**ଯାଜପୁର ମେଡିକାଲ କଲେଜ**
- ମଞ୍ଜୁର ଅପେକ୍ଷାରେ ଗୃହ ନିର୍ମାଣ ବିଭାଗ
- ଯାଜପୁରରୋଡ ସିଏଚ୍‌ସିର ଉନ୍ନତୀକରଣ ପ୍ରସ୍ତାବ
- ଡୁବୁରୀରେ ଇଏସ୍‌ଆଇ ଡାକ୍ତରଖାନା, ପାଣିକୋଇଲିରେ ଟ୍ରମାକେୟାର ସେଣ୍ଟର

**ଯାଜପୁର ଅଫିସ,୨୫।୯**

ଯାଜପୁର ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ମଞ୍ଜୁରୀ ମିଳିଛି। ଏହିକ୍ରମରେ ଇଞ୍ଜିନିୟର-ଇନ୍-ଚିଫ(ସିଭିଲ) କାର୍ଯ୍ୟାଳୟ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ଓ ଅଧ୍ୟାପନା ଡାକ୍ତରଖାନାର ଆବଶ୍ୟକ ଗୃହ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ଏଥିପାଇଁ ବିଭାଗୀୟ ଚିଫ୍ ଇଞ୍ଜିନିୟର ସତ୍ୟରଞ୍ଜନ ସେଠୀ ତାଙ୍କ ପତ୍ରସଂଖ୍ୟା ୩୯୯୬୨/୨୩।୯।୨୦୧୯ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବଙ୍କୁ ଅଟକଳର ସବିଶେଷ ବିବରଣୀ ପ୍ରଦାନ କରିଥିବା ସହ ମଞ୍ଜୁରୀ କରିବାକୁ ନିବେଦନ କରିଛନ୍ତି। ଏହାବାଦ ମଞ୍ଜୁରୀ ଅର୍ଥ ପ୍ରଦାନ କରିବାକୁ ପତ୍ରରେ ଦର୍ଶାଇଛନ୍ତି। ବ୍ୟୟଅଟକଳରେ ମେଡିକାଲ କଲେଜର ବିଭିନ୍ନ ଗୃହ ନିର୍ମାଣ ପାଇଁ ୩୭୦ କୋଟି ୧୧ ଲକ୍ଷ ୧୫ ହଜାର ୧୬୦ ଟଙ୍କା ରଖାଯାଇଛି। ବ୍ୟୟଅଟକଳରେ ମଞ୍ଜୁରୀ ଅର୍ଥ ମଧ୍ୟରୁ କଣ୍ଟିଜେନ୍ସି ୧ ପ୍ରତିଶତ, କ୍ୱାଲିଟି କଣ୍ଟ୍ରୋଲ ୧ପ୍ରତିଶତ, ସୁପରଭିଜନ କନ୍‌ସଲ୍‌ଟେନ୍ସି ପାଇଁ ୨ପ୍ରତିଶତ ରଖିବାକୁ ପ୍ରସ୍ତାବ ଦିଆଯାଇଛି। ଏହାସହ ହସ୍ପିଟାଲ ପରିସରରେ ୧.୫ କୋଟି ଟଙ୍କା ଆପ୍ରୋଚ ଓ ଆଭ୍ୟନ୍ତରୀଣ ରାସ୍ତା ନିର୍ମାଣ, ସାଇଟ ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ ଓ ପାଚେରୀ ନିର୍ମାଣ ପାଇଁ ୨ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ପ୍ରକଳ୍ପ ମୂଲ୍ୟରେ ୧୨ ପ୍ରତିଶତ ଜିଏସ୍‌ଟି ଓ ସୁପରଭିଜନ କନ୍ସଲଟାନ୍ସି ପାଇଁ ୧୮ ପ୍ରତିଶତ ଜିଏସ୍‌ଟି ମିଶ୍ରଣ ହୋଇଛି। ଏହି ପ୍ରକଳ୍ପର ମୂଲ୍ୟ କନ୍ସଲଟାନ୍ସି ସର୍ଭିସର ମୂଲ୍ୟ ବୃଦ୍ଧି କିମ୍ବା ହ୍ରାସ ଅନୁସାରେ ପରିବର୍ତ୍ତନ ହୋଇପାରେ ବୋଲି ବ୍ୟୟ ଅଟକଳରେ ଦର୍ଶାଯାଇଛି। ଅନ୍ୟପକ୍ଷେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ମଙ୍ଗଳବାର ଯାଜପୁରରେ ମେଡିକାଲ କଲେଜ ପାଇଁ ୩୭୧କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ ସୂଚନା ଦେଇଛନ୍ତି। ସେ ଆହୁରି ସୂଚିତ କରିଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାକ୍ଟିକାଲ ବ୍ଲକ ଭାବେ କାର୍ଯ୍ୟକ୍ଷମ ହେବାବେଳେ ଆଙ୍ଖୁଳା ନିକଟ ୨୦ଏକର ଯାଗାରେ ମେଡିକାଲର ଆଡମିନିଷ୍ଟ୍ରେଟିଭ ବ୍ଲକ ଓ ଅନ୍ୟାନ୍ୟ ନୂଆ ବ୍ଲକ ଆରମ୍ଭ ହେବ। ମେଡିକାଲ କଲେଜ ସହ ଯେହେତୁ ଯାଜପୁର ଜିଲାରେ କିଡ୍‌ନୀ ରୋଗ ଓ କ୍ୟାନ୍ସର ରୋଗରେ ପୀଡ଼ିତଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ ରହୁଥିବା କାରଣରୁ ସେଣ୍ଟର ଅଫ୍ ଏକ୍ସିଲେନ୍ସି କରିବା ପାଇଁ ଅନ୍ୟ ୮ଏକର ଜମି ମଧ୍ୟ ବ୍ୟବସ୍ଥା କରାଯାଉଛି। ଏହି ମେଡିକାଲ କଲେଜ ଦ୍ୱାରା କେବଳ ଯାଜପୁର ନୁହେଁ ଆଖପାଖ ଜିଲାର ଅଧିବାସୀ ମଧ୍ୟ ଉପକୃତ ହୋଇପାରିବେ। ଅପରପକ୍ଷରେ ପାଣିକୋଇଲିଠାରେ ୯୮କୋଟି ଟଙ୍କାରେ ଟ୍ରମା କେୟାର ସେଣ୍ଟରର ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ ହୋଇଛି। ଯାହାର ଟେଣ୍ଡର ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ସେହିପରି ଡୁବୁରୀଠାରେ ଇଏସ୍‌ଆଇ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ପାଇଁ ଦୁଇଟି ଯାଗା ଚିହ୍ନଟ ହୋଇଛି। ଇଏସ୍‌ଆଇ କର୍ତ୍ତୃପକ୍ଷ ଯେଉଁ ଜାଗାକୁ ଅଗ୍ରାଧିକାର ଦେବେ ସେହି ଅନୁସାରେ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ବ୍ୟାସନଗରସ୍ଥିତ ଯାଜପୁରରୋଡ ସିଏଚ୍‌ସିକୁ ଉନ୍ନତିକରଣ କରାଯିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଯାହା ଡିଏମ୍‌ଏଫ୍ ପାଣ୍ଠିରୁ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

### ଜେନାପୁର ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଜିଲାପାଳଙ୍କ ଅଫିସ ଆଗରେ ଆମରଣ ଅନଶନ

**ଯାଜପୁର ଟାଉନ,୨୫।୯(ଡି.ଏନ୍.ଏ.)**





ଆମରଣ ଅନଶନରେ ବସିଥିବା ସେବା ସଙ୍ଗଠନର ସଭାପତି ଓ ଅନ୍ୟମାନେ।

ଜେନାପୁର ଡାକ୍ତରଖାନା ସ୍ୱାସ୍ଥ୍ୟାବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ପ୍ରଶାସନ ପାଖରେ ଦାବି ରଖିଥିଲେ ମଧ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟାଗୁଡ଼ିକ ସମାଧାନ କରାଗଲା ନାହିଁ। ଏହି ସମସ୍ୟା ସମ୍ପର୍କରେ ଶେଷଥର ପାଇଁ ଗତ ସପ୍ତାହରେ ସ୍ଥାନୀୟ ବୃନ୍ଦାଦେଇପୁର ବଣମଲି ସାହିତ୍ୟ ଓ ସେବା ସଂଗଠନ ପକ୍ଷରୁ ଜେନାପୁର ଡାକ୍ତରଖାନା ପର୍ଯ୍ୟନ୍ତ ଏକ ପ୍ରତିବାଦ ଶୋଭାଯାତ୍ରା କରାଯିବା ସହିତ ଯାଜପୁର ଜିଲାପାଳ ଏବଂ ସିଡିଏମ୍‌ଓଙ୍କୁ ଅବଗତ କରାଯାଇଥିଲା। ଚଳିତମାସ ୨୪ତାରିଖ ସୁଦ୍ଧା ଡାକ୍ତର ଓ ଫାର୍ମାସିଷ୍ଟ ନିଯୁକ୍ତି ସହିତ କର୍ମଚାରୀ ସମସ୍ୟା ପୂରଣ କରିବା, ପ୍ରସୂତି ବିଭାଗକୁ ଚାଲୁ କରିବା ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିବା ପାଇଁ ପ୍ରଶାସନକୁ ସେବା ସଂଗଠନ ଅନୁରୋଧ କରାଯାଇଥିଲା। ତେବେ ସମସ୍ୟା ସମାଧାନ ତ ଦୂରର କଥା, ସଂଗଠନର କର୍ମକର୍ତ୍ତାଙ୍କ ସହିତ କେହି ଆଲୋଚନା ମଧ କଲେ ନାହିଁ। ଫଳରେ ସେବା ସଂଗଠନର ସଭାପତି ନିର୍ମଳ କୁମାର ପ୍ରଧାନ ଓ ବରିଷ୍ଠ ସଭ୍ୟ ଲାଲ୍‌ମୋହନ ଶତପଥୀ ବୁଧବାର ଜିଲାପାଳଙ୍କ ଅଫିସ ଆଗରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଦାବୀ ପୂରଣ ନ ହେବାପର୍ଯ୍ୟନ୍ତ ଏହି ଅନଶନ ଚାଲୁ ରହିବ ବୋଲି ସଭାପତି ପ୍ରଧାନ ଓ ସାଧାରଣ ସଂପାଦକ ସରୋଜ କାନ୍ତ ବେହେରା ସୂଚନା ଦେଇଛନ୍ତି। ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ବିଭିନ୍ନ ଦିଗରୁ ଗୁରୁତ୍ୱ ବହନ କରେ। ଧର୍ମଶାଳା ଓ ପଡ଼ୋଶୀ ଢେଙ୍କାନାଳ ଜିଲାର ନିହଲପ୍ରସାଦ ଅଞ୍ଚଳର ପାଖାପାଖି ୫୦ହଜାର ଲୋକ ସ୍ୱାସ୍ଥ୍ୟସେବା ପାଇଁ ଏହାଉପରେ ନିର୍ଭର କରିଥାନ୍ତି। ଦୀର୍ଘଦିନ ଏଠାରେ ଡାକ୍ତର, ଫାର୍ମାସିଷ୍ଟ ନ ଥିବାବେଳେ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି। ଏପରି କି ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡ଼ା, କୁକୁର କାମୁଡ଼ା ଇଞ୍ଜେକ୍ସନ ଠାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ଔଷଧ ମଧ ମିଳୁନାହିଁ। ଆମରଣ ଅନଶନକୁ ସମର୍ଥନ ଜଣାଇ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଗଣଧାରଣାରେ ସାମିଲ ହୋଇଥିଲେ।

### ସୁନେତ୍ର ଯୋଜନା ତାଲିମ ଶିବିର

# ୮୮ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମିଳିଲା ପ୍ରଶିକ୍ଷଣ

**ରସୁଲପୁର,୨୫।୯(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧୀନସ୍ଥ ୨୬୩ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସୁନେତ୍ର ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମୁଗୁପାଳ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ପ୍ରଶିକ୍ଷଣ ଶିବିରରେ ବନ୍ଧଡିହ, ବଡ଼ଚଅପୋଇ, ହରିପୁର ଆଦି କ୍ଲଷ୍ଟରରୁ ୮୮ଜଣ ଶିକ୍ଷକ ଯୋଗଦେଇ ପ୍ରଶିକ୍ଷଣ ନେଇଛନ୍ତି। ଏହି ଯୋଜନା ଜରିଆରେ ପ୍ରତ୍ୟେକ ପିଲାର ଚକ୍ଷୁ ପରୀକ୍ଷା କରାଯାଇ ସେ ଦିଗରେ ରହି ଆସୁଥିବା ଦୋଷତ୍ରୁଟିକୁ ସୁଧାରିବା ନିମନ୍ତେ ଚିକିତ୍ସା ପରାମର୍ଶ ପ୍ରଦାନ କରାଯିବ। ସରକାରଙ୍କ ପକ୍ଷରୁ ମାଗଣାରେ ଚଷମା ଓ ଅନ୍ୟାନ୍ୟ ସାମଗ୍ରୀ ମାଗଣାରେ ଯୋଗାଇ ଦିଆଯିବ। ଉକ୍ତ ଶିବରରେ ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କର ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପଣ୍ଡାଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଠାରେ ଅନୁଷ୍ଠିତ ଏକ ଦିବସୀୟ ଶିବିରରେ ସମ୍ବଳ ଅଧିକାରୀ ଭାବରେ ଚକ୍ଷୁ ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଶିବିରାର୍ଥୀଙ୍କୁ ଶିବିର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇ କହିଥିଲେ। ଦୃଷ୍ଟିବାଧିତ ପିଲାଙ୍କୁ ଚିହ୍ନଟ କରିବାରେ ତାଲିମପ୍ରାପ୍ତ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ତତ୍ତ୍ୱାବଧାରକ ଭାବରେ କାର୍ଯ୍ୟ କରୁଥିବା ବ୍ଲକ ସମ୍ବଳ ଶିକ୍ଷକମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ମଧୁପୁର କଲେଜ ପାଣି ସମସ୍ୟା ତୁଟିଲା

**ରସୁଲପୁର,୨୫।୯(ଡି.ଏନ୍.ଏ.)**

**ଧରିତ୍ରୀରେ ଖବର ପ୍ରସାରଣ ପରେ**

ରସୁଲପୁର ବ୍ଲକ ଅନ୍ତର୍ଗତ କଲଣସ୍ଥିତ ମଧୁପୁର ଡିଗ୍ରୀ କଲେଜରେ ପାନୀୟ ଜଳ ସମସ୍ୟା ଦୂର ହୋଇଛି। ଉକ୍ତ ସମସ୍ୟା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରସାରଣ ହେବା ପରେ ସ୍ଥାନୀୟ ସରପଞ୍ଚ ଓ ଗ୍ରାମ୍ୟପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ କଲେଜରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ପାଇପ୍ ପାଣି ଯୋଗାଣରେ ରହିଆସୁଥିବା ତ୍ରୁଟି ବିଚ୍ୟୁତିକୁ ସୁଧାରିବା ସହ ଅସ୍ଥାୟୀ ଭାବରେ କଲେଜକୁ ପାଣି ସଂଯୋଗ କରାଯାଇଛି। ପ୍ରକାଶ ଯେ, ଦୀର୍ଘଦିନ ହେବ କଲେଜକୁ ପାଇପ୍ ଜଳଯୋଗାଣ ସୁବିଧା ବନ୍ଦ ହୋଇଯାଇଥିଲା। ଫଳରେ କଲେଜର ଛାତ୍ରୀଛାତ୍ରମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷକରି ଛାତ୍ରୀମାନେ ପାଇଖାନା ଓ ପରିସ୍ରାଗାର ବ୍ୟବହାରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ କେନ୍ଦ୍ରକରି ବିଦ୍ୟାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଛାତ୍ରୀମାନେ କଲେଜର ଅଧ୍ୟକ୍ଷ କୁଶଧର ପଣ୍ଡାଙ୍କୁ ଘେରିଥିଲେ। ଏ ଦିଗରେ କଲେଜର ଅଧ୍ୟକ୍ଷ ପୂର୍ବରୁ ବହୁବାର ସ୍ଥାନୀୟ ସରପଂଚକୁ ଅବଗତ କରାଇଆସୁଥିଲେ। ମାତ୍ର ସେ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଏନେଇ ଧରିତ୍ରୀରେ ଖବର ପ୍ରସାରଣ ପରେ କଲଣ ସରପଞ୍ଚ କଲେଜରେ ପହଁଚି ଅସ୍ଥାୟୀ ଭାବରେ ପାଣି ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତର ପୂର୍ବ ପାନୀୟ ଜଳ ପ୍ରକଳ୍ପରୁ ଲୌହଯୁକ୍ତ ପାଣି ବାହାରୁଥିବାରୁ ଏହା ପାନୀୟ ଉପଯୋଗୀ ହୋଇପାରୁ ନ ଥିଲା। ଏବେ ବସୁଧା ନାମରେ ଆଉ ଏକ ନୂତନ ପାଣିପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ଉକ୍ତ ପ୍ରକଳ୍ପରୁ କଲେଜକୁ ପାନୀୟ ଜଳ ସଂଯୋଗ ଦିଆଯିବା ପାଇଁ ଅସ୍ଥାୟୀ ଭାବରେ ପାଣି ସଂଯୋଗ ଦିଆଯାଇଛି ବୋଲି କଲେଜ ଅଧ୍ୟକ୍ଷ ପଣ୍ଡା ପ୍ରକାଶ କରିଛନ୍ତି।

# ଗର୍ଭବତୀ,ଶିଶୁ ଯତ୍ନ ସମ୍ପର୍କିତ ଆଲୋଚନାଚକ୍ର

**ଯାଜପୁର ଟାଉନ,୨୫।୯(ଡି.ଏନ୍.ଏ.)**





ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି।

ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ ଶିଶୁଙ୍କ ଯତ୍ନ ସମ୍ପର୍କିତ ଏକ ଆଲୋଚନା ଚକ୍ର ଜିଲାପରିଷଦ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଛି। ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଜିଲାସ୍ତରୀୟ ପୋଷଣ ମାସ ପାଳନ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରୀ ବିଜୟ ଲକ୍ଷ୍ମୀ ପଣ୍ଡା ସଭାପତିତ୍ୱ କରିଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟବସାୟିକ ଖାଦ୍ୟ ଶିଶୁକୁ ନ ଦେଇ ଘରେ ପ୍ରସ୍ତୁତ ଖାଦ୍ୟ ପିଲାଙ୍କୁ ଦେଲେ ସେମାନଙ୍କ ଶରୀର ଭଲ ପରିପୃଷ୍ଟ ହୋଇପାରିବ ବୋଲି ମତ ଦେଇଥିଲେ। ଏଥିସହିତ ମା' କ୍ଷୀର ଉତ୍ପାଦନ ସହିତ ଉଚିତ ଖାଦ୍ୟ ଦେବା ସହିତ କେଉଁ ଖାଦ୍ୟ ଖାଇଲେ ମହିଳା ଓ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ଠିକ୍ ରହିବ ସେ ଉପରେ ମଧ ପ୍ରତ୍ୟେକ ମହିଳାଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି ଜିଲାପାଳ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଯୋଗଦେଇ ମା'ମାନେ ପୋଷଣ ମାସରେ ଶିଶୁର ଯତ୍ନ ଅଧିକ ନେବାକୁ କହିଥିଲେ। ପ୍ରତ୍ୟେକ ମା' ନିଜର କଅଁଳା ଶିଶୁ ସନ୍ତୁଳିତ ଖାଦ୍ୟ ଦେବା ଉପରେ ଯତ୍ନବାନ ହେବାକୁ ମହାନ୍ତି ମତ ଦେବା ସହିତ ସରକାର ସବୁ ପ୍ରକାର ଚିକିତ୍ସା ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କ ପାଇଁ ଯୋଗାଇ ଦେଉଛନ୍ତି ବୋଲି କହିଥିଲେ। ଡେପୁଟି ମ୍ୟାନେଜର ଆର୍‌ସିଏଚ୍ ଲକ୍ଷ୍ମୀଧର ମହାପାତ୍ର ଏଥିରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରୋଗ୍ରାମ ଅଧିକାରୀ ମଞ୍ଜୁଳା ରଥ, ଅତିରିକ୍ତ ସମାଜ କଲ୍ୟାଣ ଅଧିକାରୀ ମିହିର ମହାପାତ୍ର, ସଂସ୍ଥା ଅଧିକାରୀ ତିଲୋତ୍ତମା ପୃଷ୍ଟି, ନିର୍ବାଚନ ଅଧିକାରୀ କାଜଲ ପ୍ରଧାନ ପ୍ରମୁଖ ମଧ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଲଗାଣ ବର୍ଷାରେ ଓଡ଼ଙ୍ଗ ପରିବା ବଜାର ଅବସ୍ଥା ବେହାଲ

**ରସୁଲପୁର,୨୫।୯(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଓଡଙ୍ଗ ଦୈନିକ ପରିବା ବଜାର ଅବସ୍ଥା ୨ଦିନ ଧରି ଲଗାଣ ବର୍ଷାରେ ବେହାଲ ହୋଇଛି। ପରିବା ହାଟକୁ ଆସୁଥିବା ଚାଷୀ, ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ କାରବାରରେ ନାନା ଅସୁବିଧା ଉପୁଜୁଛି। ବିଶେଷକରି ବର୍ଷା ଦିନରେ ହାଟ ସହ ଯୋଡ଼ି ହୋଇଥିବା ଲୋକଙ୍କ ପାଇଁ ନାନା ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ଦୈନିକ ପରିବାହାଟରୁ ବାହାରୁଥିବା ଆବର୍ଜନାକୁ ସଫେଇ କରାଯାଉ ନ ଥିବାରୁ ବର୍ଷା ପାଣିରେ ସେଗୁଡିକ ପଚି ଦୁର୍ଗନ୍ଧ ବାହାରୁଛି। ହାଟ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ବର୍ଷ ବର୍ଷଧରି ଏଭଳି ସ୍ଥିତି ଦେଖାଯାଇଆସୁଥିଲେ ସୁଦ୍ଧା ଏହାର ସମାଧାନ ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅପରପକ୍ଷରେ ଦୈନିକ ହାଟ ମାହାସୁଲ ବାବଦକୁ ହଜାର ହଜାର ଟଙ୍କା ଆଦାୟ ହେଉଥିଲେ ସୁଦ୍ଧା ହାଟ କାରବାରରେ ସମ୍ପୃକ୍ତ ବ୍ୟବସାୟୀଙ୍କ ସ୍ୱାର୍ଥରେ ଟଙ୍କାଟିଏ ଖର୍ଚ୍ଚ କରାଯାଇ ପାରୁ ନାହିଁ। ହାଟର ଏଭଳି ସ୍ଥିତିରେ ସୁଧାର ଆଣିବାକୁ ସାଧାରଣରେ ଦାବି ହେଉଛି। ଏ ସଂପର୍କରେ ହାଟ ପରିଚାଳନା କମିଟର କର୍ମକର୍ତ୍ତାଙ୍କ କହିବା ହେଲା ରାଜପଥ ପ୍ରଶସ୍ତିକରଣ କରାଯାଉଛି। ଉକ୍ତ କାର୍ଯ୍ୟ ଶେଷ ହେବା ପରେ ହାଟର ଭିତ୍ତିଭୂମିରେ ସୁଧାର ଆଣିବା ଦିଗରେ ଉଦ୍ୟମ କରାଯିବ।



# ପାଚିଲା ଧାନରେ ଲହଡ଼ି ମାରୁଛି ବର୍ଷାପାଣି

**ରସୁଲପୁର,୨୫।୯(ଡି.ଏନ୍.ଏ.)**



**ଶ୍ରାବଣର ଧାରା ଆଶ୍ୱିନରେ**

ଜଳବାୟୁ ପରିବର୍ତ୍ତନ ଚାଷୀକୂଳକୁ ପ୍ରଭାବିତ କରୁଛି। ପାଣିପାଗରେ ଅନିୟମିତା ଯୋଗୁ ସିଧାସଳଖ ଚାଷୀଙ୍କ ଉପରେ କୁପ୍ରଭାବ ପଡୁଛି। ଚାଷକାର୍ଯ୍ୟରେ ବାଧା ଉପୁଜୁଛି। କୃଷି ଉତ୍ପାଦନ ବି ପ୍ରଭାବିତ ହେଉଛି। ଗତ କିଛି ବର୍ଷ ଧରି ଏହି ଧାରା ଲାଗି ରହିଛି। ଚଳିତବର୍ଷ ଶ୍ରାବଣ ମାସରେ ସମଗ୍ର ରାଜ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିଲା। ଫଳରେ ଧାନଚାଷ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ନିଜ ଉଦ୍ୟମରେ କେତେକ ଚାଷୀ ଧାନଚାଷ କରି ଅମଳ କରିବାକୁ ଆଗଭର ହେବାବେଳକୁ ଗତ ୨ରୁ ୩ଦିନ ଧରି ଲଗାଣ ବର୍ଷା ସେତକ ବି ଉଜାଡି ଦେଇଛି। ଶ୍ରାବଣର ଧାରା ଆଶ୍ୱିନରେ ବହୁଛି। ପାଚିଲା ଧାନ କିଆରିରେ ବର୍ଷାପାଣି ଲହଡ଼ି ମାରୁଛି। ବର୍ଷକର ଭାତହାଣ୍ଡି ଉଜୁଡ଼ିଯିବାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଯାଇଛି। ହଜାର ହଜାର ଟଙ୍କା ଖର୍ଚ୍ଚକରି ଚାଷୀ ଏବେ ସର୍ବସ୍ୱାନ୍ତ ହେବାକୁ ଯାଉଛି। ଏଭଳି ସ୍ଥିତି ଯାଜପୁର ଜିଲା ରସୁଲପୁର ବ୍ଲକରେ ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ଗତ କିଛି ଦିନ ଧରି ଲଘୁଚାପ ଜନିତ ବର୍ଷା ଯୋଗୁ ସଅଳ କିସମ ଧାନ ଓ ପନିପରିବା ଚାଷ ଉଜୁଡିଯିବା ଭଳି ସ୍ଥିତିରେ ପହଞ୍ଚିଛି।

ଏହି ବ୍ଲକରେ ଚାଷୀମାନେ ସଅଳ କିସମ ଧାନଚାଷ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ଏହି ହିସାବରେ ଖରିଫ ଋତୁରେ ଶତକଡ଼ା ୭୦ଭାଗ ଚାଷୀ ସ୍ୱଳ୍ପ ମିଆଦି ଧାନଚାଷ କରିଥାଆନ୍ତି। ଧାନ ଅମଳ ପରେ ଉକ୍ତ ଜମିରେ ଶୀତଦିନିଆ ପନିପରିବା ଚାଷ କରିବା ପାଇଁ ଏଭଳି କରାଯାଉଛି। ଏହି ବ୍ଲକ ଅନ୍ତର୍ଗତ ୨୮ଗୋଟି ପଞ୍ଚାୟତରୁ ଅନ୍ୟୁନ ୨୫ ଗୋଟି ପଞ୍ଚାୟତର ଚାଷୀ ସଅଳ କିସମ ଧାନଚାଷ କରୁଛନ୍ତି। ଏସବୁ ପଞ୍ଚାୟତରେ ଅନ୍ୟୁନ ୫ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଏହି କିସମର ଧାନ ଚାଷ କରାଯାଇଛି। ଚାଷ ଆରମ୍ଭରୁ ବର୍ଷା ଅଭାବ ଯୋଗୁ ଡିପ ଜମିରେ ଧାନଚାଷ ନ ହୋଇ ପଡ଼ି ରହିଛି। ତେବେ ଖାଲୁଆ ଜମିରେ ହୋଇଥିବା ଧାନ ଫସଲ ଏବେ ଅମଳ ହେବାର ବେଳ। କେତେକ ସ୍ଥାନରେ ଚାଷୀ ଧାନ ଅମଳ କରିବା ଆରମ୍ଭ କଲେଣି। ଅଧିକାଂଶ ଫସଲ କିଆରିରେ ଅଧା ପାଚିଲା ଧାନ ବିଲରେ ଶୋଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଧାନ କିଆରି ପାଣିରେ ବୁଡି ରହିଛି। ଏହି ଅଞ୍ଚଳର ପରିବା ଚାଷ ବି ସମାନ ଭାବରେ ପ୍ରଭାବିତ ହୋଇଛି। ଭେଣ୍ଡି, ଜହ୍ନି, କାକୁଡି, ଛଚିନ୍ଦ୍ର, ବାଇଗଣ କିଆରିରେ ପାଣି ଜମି ରହିଛି। ଚାଷୀ ପାଣି କାଟି ବିଲକୁ ଶୁଖିଲା ରଖିବା କାର୍ଯ୍ୟରେ ବ୍ୟସ୍ତ ରହିଛି। ଖାଲୁଆ ଜମିର ପରିବା ଚାଷ ପ୍ରଭାବିତବ ହେବାର ଆଶଙ୍କା ରହିଛି। ଏପରି କି ବର୍ଷା ଛାଡ଼ିଗଲା ପରେ ପରିବା ଗଛ ମୂଳ ସଢା ରୋଗରେ ଆକ୍ରାନ୍ତ ହେବା ଢେର ସମ୍ଭାବନା ରହିଛି। ଏନେଇ ସରକାରୀସ୍ତରରେ ପ୍ରତିକାରମୂଳକ ପଦକ୍ଷେପ ନିଆଯିବା ସହ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇବାକୁ ଦାବି ହେଉଛି।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଟ୍ରକ୍‌କୁ ପଛରୁ ପିଟିଲା ବାଇକ୍, ଚାଳକ ଗୁରୁତର

କୋରେଇ,୨୫।୯(ସ୍ୱ.ପ୍ର.): କୋରେଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଧନେଶ୍ୱର-ଆଲିଆ ମଝିରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛରେ ଭାରସାମ୍ୟ ହରାଇ ବାଇକ ପିଟି ହୋଇଛି। ଫଳରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ବାଇକ୍ ଚାଳକ ଜଣଙ୍କ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର କ୍ଷୀରୋ ଗ୍ରାମର ରାଧାକାନ୍ତ ନାୟକ (୩୧)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାଣିକୋଇଲି ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ରାଧାକାନ୍ତ ରାତିରେ ବାଇକ୍‌ରେ ଯାଜପୁରରୋଡରୁ ଘରକୁ ଫେରୁଥିବା ସମୟରେ ଭାରାସାମ୍ର ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ।

### ନାବାଳିକାଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା/ଜେନାପୁର,୨୫।୯ (ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ନାବାଳିକା ଜଣଙ୍କ ଗତ ବର୍ଷ ଜୁନ୍‌ରେ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୧୬୫/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ରାତିରେ ଅଭିଯୁକ୍ତ ଜଣଙ୍କ ବିଛାଖଣ୍ଡି ଗ୍ରାମରେ ଏକ ବନ୍ଧୁ ଘରେ ଥିବା ଖବର ପାଇ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଚଢ଼ାଉ କରି ଗିରଫ କରିଥିଲେ। ଅଭିଯୁକ୍ତ ଜଣଙ୍କ ସୋରେଇ ଗ୍ରାମର ପ୍ରକାଶଚନ୍ଦ୍ର ସାହୁ (୨୯)। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ପ୍ରକାଶ ଉକ୍ତ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ବିବାହ କରିବାକୁ ରାଜି ହୋଇ ନ ଥିବାରୁ ନାବାଳିକା ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ପ୍ରକାଶ ଫେରାର ହୋଇଯାଇଥିଲେ।

### ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ

ଧର୍ମଶାଳା, ୨୫।୯(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଭବାନୀପୁର ପଞ୍ଚାୟତର ଭୁବନ ଗ୍ରାମରେ ମଙ୍ଗଳବାର ରାତିରେ ସାପ କାମୁଡାରେ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ଛାତ୍ରୀ ଜଣଙ୍କ ଭୁବନ ଗ୍ରାମର ବାବନ ମଲ୍ଲିକଙ୍କ ଝିଅ କଲ୍ୟାଣୀ (୧୭)। ସେ ଧର୍ମଶାଳା ମହିଳା ମହାବିଦ୍ୟାଳୟର ଛାତ୍ରୀ ଥିଲେ। ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ଜାଣିବା ପରେ କଲ୍ୟାଣୀଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ମାତ୍ର କଟକ ନେବା ବାଟରେ ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି।

# ବେଆଇନ ପଥର ଉତ୍ତୋଳନରେ ୫-ଟି ଅକାମୀ

ଯାଜପୁର ଅଫିସ,୨୫।୯

ଲଘୁ ଖଣିଜ ସମ୍ପଦରେ ଭରପୁର ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ରାଜ୍ୟ ସରକାରଙ୍କ ସ୍ୱଚ୍ଛତା, ପ୍ରଯୁକ୍ତି ବିଦ୍ୟା, ସମୟାନୁବର୍ତ୍ତିତା, ସମ୍ମିଳିତ ଉଦ୍ୟମ ଓ ପରିବର୍ତ୍ତନ ଭଳି ୫-ଟି ଆଇନ ଅକାମୀ ହୋଇଛି। ଫଳରେ ରାଜ୍ୟ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଥିବାବେଳେ କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ମାଲାମାଲ ହେଉଛନ୍ତି । ଫଳରେ ଜିଲା ପ୍ରଶାସନ ଏକ ପ୍ରକାର ବଦନାମ ମୁଣ୍ଡାଉଛି । ଜିଲା ପ୍ରଶାସନିକସ୍ତରରେ ସମ୍ପୃକ୍ତ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଓ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ ହେଉ ନ ଥିବାରୁ ଏଠାରେ ରାଜ୍ୟ ସରକାରଙ୍କ ଐତିହାସିକ ଆଇନ ୫-ଟି କାର୍ଯ୍ୟକାରୀ ହେବାରେ ଅନ୍ତରାୟ ସାଜିଛି ।

ଧର୍ମଶାଳା ବ୍ଲକ ଡଙ୍କାରୀ ଓ ଏହାର ଆଖପାଖ ପାହାଡ଼ରେ କଳାପଥର (ଗ୍ରାନାଇଟ)ର କଳାବଜାର ପାଇଁ ଜିଲା ପ୍ରଶାସନ ପଥର ମାଫିଆଙ୍କୁ ଅଯାଚିତ ଅନୁକମ୍ପା ଦେଖାଉଛନ୍ତି। ୨୦୧୬ ସେପ୍ଟେମ୍ବର ୯ତାରିଖରେ ହାଇକୋର୍ଟର ନିର୍ଦ୍ଦେଶ ଅନୁଯାୟୀ ଡଙ୍କାରୀ ପାହାଡ଼ରୁ ବେଆଇନ କଳାପଥର ଉତ୍ତୋଳନ ବାବଦକୁ ୫୮କୋଟି ୬୨ ଲକ୍ଷ ୭୯ ହଜାର ୬୩୩ ଟଙ୍କା ଅତିରିକ୍ତ ରାଜସ୍ୱ ଆଦାୟ କରିବାରେ ଜିଲା ପ୍ରଶାସନ ଆଦୌ ଆଗ୍ରହ ପ୍ରକାଶ କରିନାହିଁ। ହାଇକୋର୍ଟର ନିର୍ଦ୍ଦେଶନାମାର ୩ ବର୍ଷ ପୁରିବାକୁ ଆଉ ମାତ୍ର ୩ ଦିନ ବାକି ରହିଥିଲେ ସୁଦ୍ଧା ଏହି ଅତିରିକ୍ତ ରାଜସ୍ୱ ମାମଲାର ସମାଧାନ କରିବାକୁ ସଂପୃକ୍ତ ଅଧିକାରୀ କୌଣସି ପଦକ୍ଷେପ ନେଇ ନାହାନ୍ତି। ଖଣି ବିଭାଗ ପକ୍ଷରୁ ବୈଷୟିକ କର୍ମଚାରୀଙ୍କୁ ନେଇ ଡଙ୍କାରୀ ପାହାଡ଼ର ଉତ୍ତୋଳିତ ଖାଦାନର ମାପଚୁପ ହୋଇଥିଲା। ଏହି ବେଆଇନ କାରବାରରେ ୧୦ଜଣ ତହସିଲଦାର ଓ ୬ଜଣ ଉପଜିଲାପାଳଙ୍କ ସମ୍ପୃକ୍ତି ଥିବା କୁହାଯାଉଛି। ଏହି ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା । ହାଇକୋର୍ଟ ପକ୍ଷରୁ ଜିଲା ପ୍ରଶାସନକୁ ଏହାର ସମାଧାନ କରି ଆଇନ ଅନୁଯାୟୀ ଅତିରିକ୍ତ ରାଜସ୍ୱ ଆଦାୟ କରିବାକୁ ନିର୍ଦ୍ଦେଶ ହୋଇଥିଲା। ପରବର୍ତ୍ତିସମୟରେ ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଥିଲା। ଯାହାର ଶୁଣାଣି ଆସନ୍ତା ଅକ୍ଟୋବର ୧୪ତାରିଖରେ ହେବାକୁ ଧାର୍ଯ୍ୟ ହୋଇଛି। ଏହାବାଦ ଡଙ୍କାରୀରେ ବେଆଇନ ଖନନ ଉପରେ ଏନ୍‌ଜିଟିରେ ୪।୧।୨୦୧୯ ତାରିଖରେ ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ କେନ୍ଦ୍ର ପ୍ରଦୂଷଣ



■ପଡ଼ି ରହିଛି ୫୮କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଆଦାୟ ମାମଲା

■ଏନ୍‌ଜିଟିର ୨୫ କୋଟି ଟଙ୍କା ଆଦାୟ ରାୟ ସସ୍‌ପେଣ୍ଡ

ନିୟନ୍ତ୍ରଣ ବୋର୍ଡ(ସିପିସିବି) ପାଖରେ ୧ମାସ ମଧ୍ୟରେ ୨୫କୋଟି ଟଙ୍କା ଜମା କରିବାକୁ ରାୟ ପ୍ରକାଶ ପାଇଥିଲା। ଏଥିପାଇଁ ରାଜ୍ୟ ସରକାର ସଂପୃକ୍ତ ଅଧିକାରୀଙ୍କଠାରୁ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କଠାରୁ ଉପରୋକ୍ତ ଅର୍ଥ ଆଦାୟ କରାଯାଇପାରିବ ବୋଲି ପରାମର୍ଶ ଦିଆଯାଇଥିଲା। ଏହି ଅର୍ଥ ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ହିତରେ ଖର୍ଚ୍ଚ ହେବ ବୋଲି ଦର୍ଶାଇଥିଲା। କିନ୍ତୁ ଏହି ରାୟ ବିରୋଧରେ ସମ୍ପୃକ୍ତ କେତେକ ଅଧିକାରୀଙ୍କୁ ବଞ୍ଚାଇବାକୁ ଯାଇ ଜିଲା ପ୍ରଶାସନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ଏନ୍‌ଜିଟି ଉକ୍ତ ରାୟକୁ ସସ୍‌ପେଣ୍ଡ କରିଥିବା ସୂଚନା ମିଳିଛି। ଅନ୍ୟଏକ ଘଟଣାରେ ରାହାଡ଼ପୁର ଦକ୍ଷିଣ ପାର୍ଶ୍ୱରେ ଚାଲିଥିବା ବେଆଇନ କଳାପଥର ଖନନ ଉପରେ ହାଇକୋର୍ଟରେ ୩୦୬୫/୨୦୧୮ ନମ୍ବରରେ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଗତ ଅଗଷ୍ଟ ୬ତାରିଖରେ ଯାଜପୁର ଜିଲାପାଳଙ୍କୁ ୬ ସପ୍ତାହ ମଧ୍ୟରେ ଫଏସଲା କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଏହି ନିର୍ଦ୍ଦେଶର ୭ ସପ୍ତାହ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆଯାଇ ପାରିନାହିଁ। ଜିଲା ପ୍ରଶାସନ ପକ୍ଷରୁ କେତେକ ସଇରାତରେ ୧୪୪ ଧାରା ଜାରି ହୋଇଛି । ହେଲେ ଏହି ୧୪୪ ଧାରା ନାମକୁ ମାତ୍ର । ସେଠାରେ ୩୯ଟି ହିଟାଚି ମେଶିନ ଲଗାଇ ଅହରହ ବେଆଇନ ଭାବେ କଳାପଥର ଉତ୍ତୋଳନ କରାଯାଉଛି। ପ୍ରତି ଗାଡ଼ି ପିଛା ୫୦୦ଟଙ୍କା ଲେଖାଏ ଚାନ୍ଦା ଆଦାୟ କରି ଏହି ବେଆଇନ କାରବାରକୁ ସହଯୋଗ କରାଯାଉଥିବା ଅଭିଯୋଗ ହେଉଛି। ଏଭଳି ଅନେକ ବେଆଇନ କାରବାର ଚାଲିଥିଲେ ହେଁ ସରକାରଙ୍କ ୫-ଟି ଏଠାରେ କାର୍ଯ୍ୟକାରୀ ହୋଇ ପାରୁ ନ ଥିବା ମତପ୍ରକାଶ ପାଇଛି। ଏସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି ରାହାଡ଼ପୁରରେ ବେଆଇନ ଖନନ ସଂକ୍ରାନ୍ତରେ ଖବର ପାଇ ଏକାଧିକ ଥର ଚଢାଉ କରାଯାଇଛି। କିନ୍ତୁ ସେଠାରେ କୌଣସି ଉତ୍ତୋଳନ ହେଉ ନ ଥିବା ଦେଖାଯାଇଛି। ବର୍ଷାଯୋଗୁ ରାହାଡ଼ପୁରର ସମସ୍ତ ସଇରାତ ବନ୍ଦ ରହିଛି । ୫୮କୋଟି ଟଙ୍କାର ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ୨୫କୋଟି ଟଙ୍କା ଜରିମାନା ରାୟକୁ ଏନ୍‌ଜିଟି ଫେରାଇ ନେଇଛି ବୋଲି ପଣ୍ଡା କହିଛନ୍ତି ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ବରୀ,୨୫।୯(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଯନ୍ତ୍ରୀ ଶୀତଲ କୁମାର ସାହୁ ଶିବିର ପରିଚାଳନା କରିଥିଲେ। ବାଲିଆ, ଗୋଳକୁଣ୍ଡ, ସ୍ୱାଇଁଖଣ୍ଡ ପଞ୍ଚାୟତ ଜନସାଧାରଣ ଉପସ୍ଥିତ ରହି ନିଜ ନିଜ ଅଭିଯୋଗ କରିଥିଲେ। ୨୫୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି। ବିଶେଷକରି ଗ୍ରାମୀଣ ଆବାସ, ଭତ୍ତା, ରାଶନ୍ କାର୍ଡ଼ ତ୍ରୁଟି, ଆଦି ଉପରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ତେବେ କୌଣସି କାରଣବସତଃ ବିଡିଓ ଶୁଭଶ୍ରୀ ତ୍ରିପାଠୀ ଶିବିରରେ ଯୋଗଦେଇ ପାରି ନ ଥିଲେ। ସରପଞ୍ଚ ଶରତ କୁମାର ଜେନା, ସରପଞ୍ଚ କିରଣବାଳା ଯେନା, ସରପଞ୍ଚ ପ୍ରବୀର ଜେନା ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଜନସାଧାରଣ ଶିବିରରେ ପହଞ୍ଚି ଅଭିଯୋଗ ଦାଖଲ କରିଥିଲେ।

■ ଲଗାଣ ବର୍ଷାରେ ଚଣ୍ଡିଖୋଲ ଛକ ବେହାଲ

## ପରିବା ମାର୍କେଟରେ ଆଣ୍ଠୁଏ ପାଣି

ଚଣ୍ଡିଖୋଲ,୨୫।୯(ଡି.ଏନ୍.ଏ.)

ଗତ ଦୁଇଦିନ ଧରି ଲାଗିରହିଥିବା ଲଗାଣ ବର୍ଷାରେ ଚଣ୍ଡିଖୋଲ ଛକର ଅବସ୍ଥା ବେହାଲ ହୋଇଛି। ରାସ୍ତା ଉପରେ ପାଣି ଲହଡ଼ି ମାରୁଥିଲା ବେଳେ ପରିବା ମାର୍କେଟରେ ଆଣ୍ଠୁଏ ଲେଖା ପାଣି ଜମି ରହିଛି। ଫଳରେ ପରିବା ବ୍ୟବସାୟ ଏକ ରକମର ଠପ ହୋଇଯାଇଛି। ଯାହାକୁ ନେଇ ବୁଧବାର ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସୂଚନା ଥାଉକି ଚଣ୍ଡିଖୋଲ ଛକର ଦୁଇପଟରେ ଦୁଇଟି ବଡ଼ ବଡ଼ ପାଣି ଖାଲ ରହିଛି। ୧ନମ୍ବର ଲୁପ୍ ଦ୍ୱାରା ଅବରୋଧ ହୋଇଥିବା ପୂର୍ବପଟ ପାଣିଖାଲ ଅତ୍ୟନ୍ତ ବଡ଼। ବଜାରର ସମସ୍ତ ପାଣି ଏହି ପାଣି ଖାଲରେ ଭର୍ତ୍ତି ହୋଇଥାଏ। ମାତ୍ର ଏଠାରୁ ବାହାରକୁ ଯିବାର ସୁବିଧା ନାହିଁ। ଫଳରେ ବର୍ଷାପାଣି ଜମି ରହି ପିଚୁ



ଚଣ୍ଡିଖୋଲ ପରିବା ବଜାରରେ ବର୍ଷା ଜଳ ଲହଡ଼ି ମାରୁଛି।

ରାସ୍ତା, ପୂର୍ବପଟ ବସ୍‌ଷ୍ଟାଣ୍ଡ ଓ ପରିବା ମାର୍କେଟ ଉପରେ ପାଣି ଲହଡ଼ି ମାରୁଛି। ପଶ୍ଚିମପଟ ପାଣି ଖାଲରୁ ପାଣି ନିଷ୍କାସିତ ହୋଇ ଆସୁଥିଲେ ମଧ ତାହା ତଳ ଆଡ଼କୁ ମଧ ରାସ୍ତା ଅବରୋଧ ଯୋଗୁ ନିଷ୍କାସିତ ହୋଇପାରୁ ନାହିଁ। ଏହା ବହୁତ ଉଚ୍ଚ ସ୍ଥାନରେ ଅବସ୍ଥିତ ଥିବାବେଳେ ଡ୍ରେନେଜ ସୁବିଧା ନ ଥିବାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ଏହାର ୧୦୦ ମିଟର ଦୂରରେ ଏକ ପାଟ ନାଳି ଯାଇଥିଲେ ସୁଦ୍ଧା ଜଳ ନିଷ୍କାସନ ନେଇ କୌଣସି ସୁବିଧା କରାଯାଇ ନାହିଁ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ପ୍ରସ୍ତାବିତ ପୂର୍ବପଟ ପାଣିଖାଲରୁ ପାଣି ନିଷ୍କାସନ ପାଇଁ ପୋଲ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କଲେ ଏହି ସମସ୍ୟା ସ୍ଥାୟୀ ଭାବେ ସମାଧାନ ହୋଇପାରିବ ବୋଲି ସ୍ଥାୟୀ ବଣିକ ସଂଘ ଓ ଅସ୍ଥାୟୀ ବଣିକ ସଂଘ ତରଫରୁ ଦାବି ହେଉଛି।

## ବିବାହ ପ୍ରତିଶ୍ରୁତି ପରେ ପ୍ରତାରଣା, ଅଭିଯୁକ୍ତ କୋର୍ଟ ଚାଲାଣ

କୋରେଇ,୨୫।୯(ସ୍ୱ.ପ୍ର.)

ପାଣିକୋଇଲି ଥାନା ଅନ୍ତର୍ଗତ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ନେଇ ଗତ ୨୩ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଚେନ୍ନାଇରୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଯାଜପୁର ଥାନା ଅନ୍ତର୍ଗତ ଚଇନପୁର ଗ୍ରାମର ରାମ ଜେନା (୨୬)। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଥାନା ଅନ୍ତର୍ଗତ ଉକ୍ତ ଯୁବତୀ ଜଣଙ୍କ ସହ ରାମର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ବିବାହର ପ୍ରତିଶ୍ରୁତି ଦେଇ ରାମ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଯୁବତୀ ଜଣଙ୍କ ୨ ମାସର ଗର୍ଭବତୀ ହୋଇଥିବା ଜାଣି ଉଭୟେ ବିବାହା କରିବାକୁ ରାଜି ହୋଇଥିଲେ। ଏହାପରେ ଉଭୟଙ୍କ ପରିବାର ମଧ୍ୟରେ ବିବାହ ପାଇଁ ଆଲୋଚନା ହୋଇଥିଲା। ହେଲେ ରାମଙ୍କ ପରିବାର ପକ୍ଷରୁ ବିବାହ ପାଇଁ ରାଜି ହୋଇଥିଲେ ମଧ ଲକ୍ଷାଧିକ ଟଙ୍କା ଯୌତୁକ ଦାବି କରିଥିଲେ। ଏଥିରେ ଯୁବତୀଙ୍କ ପରିବାର ଲୋକେ ରାଜି ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ରାମ ଚେନ୍ନାଇ ପଳାଇଥିଲେ। ଏ ନେଇ ଯୁବତୀ ଜଣଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୧୩/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ତଦନ୍ତ ପରେ ଅଭିଯୁକ୍ତ ରାମ ଚେନ୍ନାଇ ପଳାଇଥିବା ଜାଣିବାକୁ ପାଇଥିଲେ। ସେଠାରେ ପୋଲିସ ଟିମ୍ ପହଞ୍ଚି ତାଙ୍କୁ ଗିରଫ କରିଥିଲେ।

## ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଉପକରଣ ପ୍ରଦାନ

ଡୁବୁରୀ,୨୫।୯(ଡି.ଏନ୍.ଏ.)

ଟାଟା ଷ୍ଟିଲ ପକ୍ଷରୁ ବୁଧବାର କଳିଙ୍ଗନଗର ଅଞ୍ଚଳର ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି। ଏ ନେଇ ଡୁବୁରୀସ୍ଥିତ କପିଳେଶ୍ୱର ମହାବିଦ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଟାଟା ଷ୍ଟିଲର ଏପରି ଉଦ୍ୟମକୁ ପ୍ରଂଶସା କରିଥିବାବେଳେ ଏମ୍ଏଲ୍ଏ ଓ ଏମପି ଲ୍ୟାଡ୍ ଫଣ୍ଡରେ ଦିବ୍ୟାଙ୍ଗଙ୍କ ପାଇଁ ଅଧିକ ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଥିବା ମନ୍ତ୍ରୀ ପଣ୍ଡା କହିଥିଲେ। ଏହି ଅବସରରେ ୪୩ ଜଣ ଦିବ୍ୟାଙ୍ଗଙ୍କୁ ମାନପତ୍ର ଓ ଉପକରଣ ପ୍ରଦାନ କରିଛନ୍ତି। ଏଥିସହ ୩୦ ଜଣଙ୍କୁ ଟ୍ରାଇ ସାଇକେଲ, ଆଶାବାଡି ଓ ଅନ୍ୟାନ୍ୟ ସାମଗ୍ରି ବଣ୍ଟନ କରିଥିଲେ। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଟାଟା ଷ୍ଟଲର ଏହି କାର୍ଯ୍ୟ କେବଳ କଳିଙ୍ଗନଗର ଅଞ୍ଚଳରେ ସିମୀତ ନ ରଖି ସୁକିନ୍ଦା ଓ ଦାନଗଦୀ ବ୍ଲକକୁ ସମ୍ପ୍ରସାରିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀରତା ସହଯୋଗରେ ଏକ ଆଳନ ଶିବିରରେ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଟାଟା ଷ୍ଟିଲ ପକ୍ଷରୁ ଚିହ୍ନଟ କରାଯାଇଥିଲା।

■ ମାଣତିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ନୂତନ ଶ୍ରେଣୀ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ

କଳିଙ୍ଗନଗର,୨୫।୯(ଡି.ଏନ୍.ଏ.)

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ମାଣତିରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଏ ନେଇ ବୁଧବାର ବିଦ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜ୍ଞାନ ଓ ପ୍ରଯୁକ୍ତି ସରକାରୀ ଉଦ୍ୟୋଗ ତଥା ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ବ୍ୟକ୍ତି ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ନୂତନ ଶ୍ରେଣୀ ଗୃହପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ଜିଲାର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଟାଟା ଷ୍ଟିଲ ସିଏସ୍ଆର ବିଭାଗର ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, କଳିଙ୍ଗନଗରର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଟାଟା ଷ୍ଟିଲ କର୍ପୋରେଟ୍ ସେବା ବିଭାଗର ମହାପ୍ରବନ୍ଧକ ରମାରମଣ ଶତପଥୀ, ଟାଟା ଷ୍ଟିଲ ଓଡ଼ିଶା ସିଏସ୍ଆର ବିଭାଗ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଯୋଗଦେଇଥିଲେ । କଳିଙ୍ଗନଗର ଅଞ୍ଚଳର ଶିକ୍ଷା ଭିତ୍ତିଭୂମିର ବିକାଶ ଲାଗି ଟାଟା ଷ୍ଟିଲ ପ୍ରତିଶ୍ରୁତିବଦ୍ଧ ବୋଲି ଅମ୍ବିକା ପ୍ରସାଦ କହିଥିଲେ।

ଟାଟା ଷ୍ଟିଲ ପକ୍ଷରୁ ପ୍ରାୟ ୪୨ ଲକ୍ଷ ଟଙ୍କା ବ୍ୟୟବରାଦରେ ମାଣତିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କରାଯିବ। ପ୍ରାୟ ୩୫୫୦ ବର୍ଗ ଫୁଟ ପରିବ୍ୟାପ୍ତ ସ୍ଥାନରେ ଦୁଇଟି ଶ୍ରେଣୀ ଗୃହ ସହିତ ଏକ ବାରଣ୍ଡା ଓ ଏକ ସର୍ବସାଧାରଣ ହାତଧୁଆ କକ୍ଷ ରହିବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୧୯୯୨ରେ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ପ୍ରାୟ ୩୫୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିରୁ ପ୍ରାୟ ୮୦ ପ୍ରତିଶତ ଛାତ୍ରୀଛାତ୍ର ଅନୁସୂଚିତ ଜାତି ଓ ଜନଜାତି ବର୍ଗର। ବର୍ତ୍ତମାନ ଏଠାରେ ମାତ୍ର ୪ଟି ଶ୍ରେଣୀ ଗୃହ ରହିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧକ୍ଷ କ୍ଷେତ୍ରବାସି ଘଡ଼ାଇ, ଜିଲା ପରିଷଦ ସଦସ୍ୟ ସୁଶାନ୍ତ ସାମଲ, ଏମ୍‌ପିଙ୍କ ପ୍ରତିନିଧି ଲୋକନାଥ ଧୀର, ସରପଞ୍ଚ ଅକ୍ଷୟ ସିଂହ, ସରପଞ୍ଚ ପଦ୍ମଲୋଚନ ଯେନା, ଅଧାପକ, ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ।



ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

## ମଙ୍ଗଳପୁର ଗ୍ରାମ ନିକଟରୁ ମଦ ଦୋକାନ ଉଚ୍ଛେଦ ଦାବି

କାଳିଆପାଣି,୨୫।୯(ଡି.ଏନ୍.ଏ.)

ସୁକିନ୍ଦା ଥାନା ଅଧୀନ ଦୁଧୂଯୋରୀ ପଞ୍ଚାୟତ ମଙ୍ଗଳପୁର ଗ୍ରାମ ନିକଟରୁ ବିଦେଶୀ ମଦ ଦୋକାନ ଉଚ୍ଛେଦ ପାଇଁ ଦାବି ହୋଇଛି। ଏ ନେଇ ବୁଧବାର ମଙ୍ଗଳପୁର ଗ୍ରାମର ମହିଳା ସଂଘ ପକ୍ଷରୁ ଏକ ପ୍ରତିବାଦ ରାଲି କରାଯାଇଥିଲା। ସୁକିନ୍ଦା ଥାନା ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ବସ୍ତି ନିକଟୁ ଏହି ମଦଦୋକାନକୁ ଉଠାଇବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହ ଆଗାମୀ ଦିନରେ ସୁକିନ୍ଦା ଥାନା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରିବା ନେଇ ଚେତାବନୀ ଦେଇଛନ୍ତି। ୨୦୧୮ରେ ରାଜପଥ ନିକଟରୁ ୫୦୦ ମିଟର ଭିତରେ ଥିବା ସମସ୍ତ ମଦଦୋକାନ, ଗ୍ରାମାଞ୍ଚଳ, ମଠ ମନ୍ଦିର ଓ ବିଦ୍ୟାଳୟରଠାରୁ ଦୋକାନ ବନ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ହେଲେ ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତରେ ଏହାର ବ୍ୟତିକ୍ରମ କରାଯାଇ ଗ୍ରାମ ନିକଟରେ ମଦ ଦୋକାନ ଖୋଲା ଯାଇଛି। ଏହାକୁ ବିରୋଧ କରି ମହିଳା ସଂଗଠନ ପକ୍ଷରୁ ଏକ ରାଲି ଗ୍ରାମ ପରିକ୍ରମା କରିଥିଲା। ଗ୍ରାମରେ ମଦ ଦୋକାନ ରହିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗରିବ ଖଟିଖିଆ ଲୋକେ ନିଶାର ଶିକାର ହେଉଛନ୍ତି, ଯୁବପିଢୀ ବି ଏଥିରୁ ବାଦ୍ ପଡୁ ନାହାନ୍ତି ବହୁ ପରିବାର ଛାର୍‌ଖାର ହେଉଛନ୍ତି। ଏହାର ଏକ ଉଦାହରଣ ମଙ୍ଗଳବାର ଦେଖିବାକୁ ମିଳିଥିଲା। ଏହି ଗ୍ରାମର ଜଣେ ଦିନ ମଜୁରିଆ ନିଜ ନାତି ଦେହ ଖରାପ ହେବାରୁ ମେଡିଶିନ ଆଣିବାକୁ ଯାଇଥିଲେ। ଔଷଧ କିଣି ଫେରୁଥିବା ସମୟରେ ପୋଲିସ ତାଙ୍କୁ ଗ୍ରାମ ଛକ ନିକଟରୁ ପୋଲିସ ତାଙ୍କୁ ନିଶାସେବ କରି ଗାଡି ଚଲାଉଥିବା ଅଭିଯୋଗରେ ଗିରଫ କରି ଥିଲା। ଫଳରେ ଔଷଧ ନ ଖାଇ ନାତି ଦେହ ଅଧିକ ଖରାପ ହୋଇଯାଇଥିଲା ବୋଲି ଜଣାପଡିଛି। ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ପ୍ରତିଦିନ ଘଟୁଛି। ହେଲେ ପୋଲିସ କର୍ମଚାରୀ ଏବଂ ଅବକାରୀ ବିଭାଗ ହାତ ସଫେଇ କରି ନିଜସ୍ଥାନରେ ବସି ପଡୁଥିବା ଅଭିଯୋଗ କରିଛନ୍ତି। ରାଲିରେ ଲକ୍ଷ୍ମୀ ପ୍ରଧାନ, ଆରତୀ ପଲେଇ, ବୁଧେଇ ଦେହୁରୀ, ଭାନୁ ଦେହୁରୀଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ। ପ୍ରକାଶ ଯେ, ଉକ୍ତ ମଦ ଦୋକାନ ଠାରୁ କିଛିବାଟ ଦୂରେ ବିଦ୍ୟାଳୟ ଏବଂ ମଙ୍ଗଳପୁର ଗ୍ରାମ ରହିଛି। ଏହି ବାଟଦେଇ ବିଦ୍ୟାଳୟାକୁ ଛାତ୍ରୀଛାତ୍ରୀ ଜିବା ଅସିବା କରୁଛନ୍ତି। ମଦଦୋକାନ ରହିଥିବାରୁ ଏଠାରେ ମଦ୍ୟପ୍ୟମାନଙ୍କ ଭିଡ଼ ଜମୁଛି। ଅପରକ୍ଷେ ସ୍ଥାନରେ ଥିବା ଗ୍ରାମଦେବତୀଙ୍କ ମନ୍ଦିର ନିକଟରେ ବସି ମଦପିଇ ସ୍କୁଲ କଲେଜ୍ ପିଲା ଦୁର୍ବ୍ୟବହାର କରୁଥିବା ମହିଳା ସଂଘ ପକ୍ଷରୁ ଅଭିଯୋଗ ହୋଇଛି।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଏମ୍ଆର୍‌ଙ୍କୁ ବାରଣ

ଯାଜପୁର ଟାଉନ,୨୫।୯(ଡି.ଏନ୍.ଏ.)

ଯାଜପୁର ଜିଲା ମୁଖ୍ୟଚିକିତ୍ସାଳୟରେ ମେଡିସିନ୍ ରିପ୍ରେଜେଣ୍ଟେଟିଭ (ଏମ୍ଆର୍)ଙ୍କୁ ବାରଣ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଜନୌଷଧି ଜରିଆରେ ରୋଗୀଙ୍କୁ ମାଗଣାରେ ସମସ୍ତ ଔଷଧପତ୍ର ଇତ୍ୟାଦି ଉପଲବ୍ଧ ହେଉଛି। ଜିଲା ସଦର ମହକୁମା ହସ୍ପିଟାଲ ଏବେ ମେଡିକାଲ କଲେଜ ରୂପ ନେବାକୁ ଯାଉଥିବାବେଳେ ସରକାର ମଧ ଏଥିପାଇଁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଲେଣି। କିନ୍ତୁ ଏଠାରୁ ଦଲାଲଙ୍କୁ ହଟାଇବାରେ ସ୍ୱାସ୍ଥ୍ୟ ପ୍ରଶାସନ କ୍ରମାଗତ ଭାବେ ବିଫଳ ହୋଇ ଚାଲିଛି। ଏଠାରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ବରୋଗୀଙ୍କୁ ବିଭ୍ରାନ୍ତ କରି ଘରୋଇ ଡାକ୍ତରଖାନାକୁ ପଠାଇ ସମ୍ପୃକ୍ତ ନର୍ସିଂହୋମରୁ ମୋଟାଅଙ୍କର କମିଶନ ପାଉଛନ୍ତି। ଏପରି କି ଏଥିରେ କିଛି ଅସାଧୁ ଚିକିତ୍ସକ, ନର୍ସ, କର୍ମଚାରୀ ଓ ଆଶାକର୍ମୀ ମଧ ସାମିଲ ହେଉଛନ୍ତି। ରୋଗୀଙ୍କୁ ଶୋଷଣ କରିବା ଏହି ସବୁ ଦଲାଲ ଓ ସେମାନଙ୍କ ସହଯୋଗୀଙ୍କ ମୁଖ୍ୟକାର୍ଯ୍ୟ ହୋଇଛି। ସେହିଭଳି ମେଡିକାଲରେ ସବୁ ରୋଗ ପାଇଁ ମାଗଣା ଔଷଧର ବ୍ୟବସ୍ଥା ରହିଛି। ଏପରିକି ରୋଗୀଙ୍କ ପାଇଁ ଯେଉଁ ଔଷଧ ମେଡିକାଲ ଷ୍ଟୋରରେ ନ ମିଳିବ ବା ସମ୍ପୃକ୍ତ ଚିକିତ୍ସକ ସେଭଳି କିଛି ଔଷଧ ପ୍ରେସ୍‌କ୍ରାଇବ କରିବେ ସେକ୍ଷେତ୍ରରେ ସରକାର ବାହାର ଔଷଧ ଦୋକାନରୁ ସେସବୁକୁ କିଣି ରୋଗୀଙ୍କୁ ଚିକିତ୍ସା ପାଇଁ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ସଂପୃକ୍ତ ଦଲାଲ ମାନେ "ମେଡିକାଲ ଔଷଧ କାମ କରିବନି, ବାହାର ଔଷଧ ଭଲ କାମ ଦେବ" ଭଳି ମିଛ ଓ ବିଭ୍ରାନ୍ତିମୂଳକ ତଥା ରୋଗୀ ଏବଂ ରୋଗୀର ସହାୟକଙ୍କୁ କହି ବାହାର ଦୋକାନରୁ ଚଢାମୂଲ୍ୟର ଔଷଧ କିଣାଇଥାନ୍ତି। ସେହିଭଳି ସରକାରୀ ଡାକ୍ତରଖାନା ମଧ୍ୟରେ କୌଣସି ଏମ୍ଆର୍ ପ୍ରବେଶ ଉପରେ କଟକଣା ରହିଥିଲେ ମଧ ଏହାକୁ ପ୍ରଭାବଶାଳୀ ଏମ୍ଆର୍ ଓ ଔଷଧ ବେପାରୀମାନେ ଖାତିର କରି ନ ଥାନ୍ତି । ଅଧିକାଂଶ ଏମ୍ଆର ଏବଂ ଔଷଧ ବ୍ୟବସାୟୀମାନେ ରାଜନେତାଙ୍କ ପାଖଲୋକ ଓ ଶାସକଦଳର ସମର୍ଥକ ବୋଲି ନିଜକୁ ପ୍ରଦର୍ଶିତ କରିବାକୁ ଆଗେଇ ଆସି ଡାକ୍ତରଙ୍କୁ ଏକରକମ ବ୍ଲାକମେଲ୍ ମଧ କରିଥାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ମେଡିକାଲ ଆଉଟଡୋର ଏବଂ ଇନ୍‌ଡୋର ରୋଗୀ ସେବା ପାଇଁ ଯେତେବେଳେ ଡାକ୍ତର ରୋଗୀଙ୍କୁ ଭଲ ମନ୍ଦ ପଚାରି ବୁଝୁଥାନ୍ତି ସେହି ସମୟରେ ଏମ୍ଆର ଓ ଔଷଧ ବ୍ୟବସାୟୀ ସେଠାରେ ପହଞ୍ଚି ଡାକ୍ତରଙ୍କୁ ନିର୍ଦ୍ଦିଷ୍ଟ କମ୍ପାନୀର ଔଷଧ ବ୍ୟବହାର କରିବାକୁ ପ୍ରବର୍ତ୍ତାଇଥାନ୍ତି। ଯାହାଫଳରେ ରେଗୀ ସେବା ମଧ ବାଧାପ୍ରାପ୍ତ ହୋଇଥାଏ। ଜିଲା ସଦର ମହକୁମା ହସ୍ପିଟାଲରେ ଏଭଳି ଅବ୍ୟବସ୍ଥା ସମ୍ପର୍କରେ ଜାଣିବାପରେ ଜିଲାପାଳ ଦାସ ଏମ୍ଆର ଓ ଦଲାଲ୍‌ଙ୍କୁ ହସ୍ପିଟାଲ ପରିସର ମଧ୍ୟକୁ ପ୍ରବେଶ କରାଇ ନ ଦେବାକୁ ସିଡିଏମ୍ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ଏହି ନିର୍ଦ୍ଦେଶକୁ ନ ମାନିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ସୂଚିତ କରିଛନ୍ତି।

## ସଂକ୍ଷେପରେ

### ଆଇଆଇସିଙ୍କ ମୋବାଇଲ ଚୋରି କରି ଯୁବକ ଗିରଫ

**ରାଜନଗର, ୨୫।୯ (ଡି.ଏନ୍.ଏ.):** ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ମୋବାଇଲ ଚୋରି କରି ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ନଳିତାପାଟିଆ ଗ୍ରାମର ଦୀପକ ମହାନ୍ତି। ଗତ ୨୧ ତାରିଖରେ ଆଇଆଇସି ବାରିକ ନଳିତାପାଟିଆ ଛକରେ ହେଲମେଟ ଓ ଗାଡି ଚେକିଂ କରୁଥିଲେ। ସେହି ସମୟରେ ଦୀପକ ଏକ ଅଟୋ (ନଂ.-ଓଡି-୨୯-୯୦୯୧)ରେ ଯାଉଥିବା ବେଳେ କୌଶଳକ୍ରମେ ଆଇଆଇସିଙ୍କ ମୋବାଇଲ ନେଇ ଚମ୍ପଟ ହୋଇଯାଇଥିଲେ। ଏହାପରେ ସେଥିରୁ ସିମ୍ ବାହାର କରି ଅନ୍ୟ ଏକ ସିମ୍ ପକାଇ ମୋବାଇଲ ବ୍ୟବହାର କରୁଥିଲେ। ତେବେ ପୋଲିସ ମୋବାଇଲ ଟ୍ରାକ କରି ମଙ୍ଗଳବାର ରାତିରେ ଦୀପକଙ୍କୁ ଗିରଫ କରିଛି। ଏ ନେଇ ୪୭/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି।

### ଜାତୀୟ ସେବା ଦିବସ

**ରାଜନଗର, ୨୫।୯ (ଡି.ଏନ୍.ଏ.):** ରାଜନଗର ବ୍ଲକସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡା. ହରେକୃଷ୍ଣ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଜୋତୀୟ ସବା ଅଧିକାରୀ ଡଃ. ବିକ୍ରମାଦିତ୍ୟ ଦାଶ ସ୍ୱେଚ୍ଛାସେବୀମାନଙ୍କୁ ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଏଥିରେ ଅଧାପକ ଡା. ଘନଶ୍ୟାମ ମିଶ୍ର, ଅଧାପକ ନିହାର ରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ମାର୍ଶାଘାଇ, ୨୫।୯ (ଡି.ଏନ୍.ଏ.):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଦ୍ୱୈତା ନନ୍ଦ ବରାଳ ଅଧକ୍ଷତା କରିଥିଲେ। ସଭାରେ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ଜିଲା ଶିକ୍ଷାଧିକାରୀ ମଧୁସୂଦନ ବେହେରା, ଶିକ୍ଷାବିତ୍ ମାଧବ ଚରଣ ନାୟକ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଦଳାଇଙ୍କ ଦୀର୍ଘ ୬ ବର୍ଷ କାର୍ଯ୍ୟକାଳ ସମ୍ପର୍କରେ କହିଥିଲେ। ନିଷ୍ଠାପର ଭାବ ଯୋଗୁ ସେ ବେଶ ସୁଖ୍ୟାତି ଲାଭ କରିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପଲତା ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଗୋପୀନାଥ ବେହେରା, କ୍ଷୀରୋଦ କୁମାର ମିଶ୍ର, ପୁଷ୍ପଲତା ପାଣି, ଅଲେଖ ଲେଙ୍କା, ଦେବାଶିଷ ରଣା, ମଞ୍ଜୁଶ୍ରୀ ବିଶ୍ୱାଳ, ଦୁର୍ଯ୍ୟୋଧନ ଯେନା, ସ୍ୱାଗତିକା ଦାସ, ନବଘନ ବେହେରା ଏବଂ କଳ୍ପତରୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଗର୍ଭବତୀ ପୋଷଣ ଦିବସ

**ମହାକାଳପଡ଼ା, ୨୫।୯ (ଡି.ଏନ.ଏ.):** ମହାକାଳପଡ଼ା ବ୍ଲକ ଅଧୀନ ଖରିନାସୀ ପଞ୍ଚାୟତର ଖରିନାସୀ-୧ ଅଙ୍ଗନୱାଡ଼ି କେନ୍ଦ୍ରଠାରେ ବୁଧବାର ଗର୍ଭବତୀ ପୋଷଣ ଦିବସ ପାଳିତ ହୋଇଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ନିକଟସ୍ଥ ୬ଟି ଅଙ୍ଗନୱାଡି କେନ୍ଦ୍ରର ୪୦ ଗର୍ଭବତୀ ସାମିଲ ହୋଇଥିଲେ। ଏହି ଅବସରରେ ଗର୍ଭବତୀମାନଙ୍କ ବିଭିନ୍ନ କିସମର ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିସହ ଗର୍ଭବତୀମାନଙ୍କ କିପରି ସେବାଯତ୍ନ କରାଯିବା କଥା ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଶିଶୁ ଓ ଗର୍ଭବତୀଙ୍କ ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଯୋଜନା ଏବଂ ଏହାର ସୁଫଳ କିପରି ପାଇହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡିକର୍ମୀ ଜୟନ୍ତୀ ବିଶ୍ୱାସ, ଇନ୍ଦୁରେଖା ମାଇତି, ମାଳତୀ ସରକାର, କବିତା ଭୌମିକ ଓ ମନୋରମା ଘଡ଼ାଇଙ୍କ ସହ ୪୦ଗର୍ଭବତୀ ସାମିଲ ହୋଇଥିଲେ।

## ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦକୁ ନେଇ ବିବାଦ

# ପ୍ରଥମେ ଲିଜ୍ ଘେରି ଉଚ୍ଛେଦ ଦାବି

**କେନ୍ଦ୍ରାପଡ଼ା ଅଫିସ୍, ୨୫।୯**

ଜିଲା ପ୍ରଶାସନ ପକ୍ଷରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦକୁ ନେଇ ବିବାଦ ଦେଖାଦେଇଛି। ଚିଙ୍ଗୁଡ଼ି ଘେରି ଯୋଗୁ ପରିବେଶ ପ୍ରଦୂଷିତ ହେଉଥିବା ଦର୍ଶାଯାଇ ସମସ୍ତ ଘେରି ଭଙ୍ଗା ଯାଉବେଳେ ସରକାରୀ ଲିଜ୍‌ପ୍ରାପ୍ତ ଘେରିକୁ ଏଥିରୁ ବାଦ୍ ଦିଆଯାଇଛି। ଲିଜ୍‌ପ୍ରାପ୍ତ ଦୁଇଟି ଯାକ ଘେରି ୫୦୫ ହେକ୍ଟର ଜାଗାରେ ରହିଥିବା ବେଳେ ଏହାଦ୍ୱାରା ୨୧ ଟି ଗ୍ରାମର ପରିବେଶ ନଷ୍ଟ ହେଉଛି। କିନ୍ତୁ ଏହାକୁ ଉଚ୍ଛେଦ ପ୍ରକ୍ରିୟାରୁ ବାଦ ପକାଯିବାକୁ ଅନ୍ୟ ବ୍ୟବସାୟୀମାନେ ମେଳି ବାନ୍ଧିଛନ୍ତି। ଯଦି ସରକାରୀ ଏମଓୟୁ ସ୍ୱାକ୍ଷରିତ ବଣପଡ଼ାର ଓଡ଼ିଶା ଆକ୍ୱା ଓ ଜଗତଜୋରର ଫାଲ୍‌କନ ମେରାଇନ ଏକ୍ସପୋର୍ଟସ୍.ଲିଃ ଘେରି ନ ଭଙ୍ଗା ଯାଏ, ତେବେ ବଡ଼ ଧରଣର ଅନ୍ଦୋଳନ ହେବ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏହି ଦୁଇ ପ୍ରକଳ୍ପ ପରିବେଶ ସୁରକ୍ଷା ଆଇନ ୧୯୮୬ ଓ ସିଇସି ରିପୋର୍ଟକୁ ଉପେକ୍ଷା କରୁଛି ବୋଲି ସେମାନେ ମତ ଦେଇଛନ୍ତି।

୨୦୧୪ ଅକ୍ଟୋବର ୨୧ରେ ଭାରତ ସରକାରଙ୍କ ଏକ ବିଜ୍ଞପ୍ତି (ନଂ-୨୧୮୦ ଜେ) ପ୍ରକାଶ ପାଇଥିଲା। ଏଥିରେ କେନ୍ଦ୍ରାପଡା ଜିଲାର ୧୪୭ଟି ଗ୍ରାମକୁ ପରିବେଶ ସମ୍ବେଦନଶୀଳ ଗ୍ରାମ ଭାବେ ଘୋଷଣା କରାଯାଇଛି। ଏଥିରେ ବଣପଡା, ଭୂଇଁପୁର, ଗୋଗୁଆ, ଈଶାନୀପଲା, ହରିପୁର, କଜଳାବନ୍ଧ, କଳତୁଙ୍ଗା, କାକଟପୁର, କୋରିଆପଲା, ନରସିଂହପୁର, ମଲାଡ଼ିଅ, ପାଇଁଶିଆପାଳ, ରଟପଙ୍ଗ, ଶଙ୍ଖଚିତ, ଶାସନ, ସିଙ୍ଗାରପୁର, ତନ୍ତିଆପାଳ, ସୁନିତି (ବେଣାକନ୍ଦା), ତେଲଙ୍ଗା, ପାଣିଖିଆ ଆଦି ଗ୍ରାମ ରହିଛି। ମହାକାଳପଡା ବ୍ଲକ ଗୁଲଡ଼ିଅ ଗ୍ରାମର ପ୍ରଶାନ୍ତ କୁମାର ମଣ୍ଡଳ, ଗୋଗୁଆର କୁସୁମ ଭୂୟାଁ, ଭୋପାଳର ଗୁରୁଚରଣ ବରାଳ, ପ୍ରଫୁଲ୍ଲ ବରାଳ ଓ ସିଦ୍ଧେଶ୍ୱର ସାହୁ କହିଛନ୍ତି ଯେ, ଜିଲାରେ କର୍ମନିଯୁକ୍ତି ସମସ୍ୟା ବଢୁଛି।

ତେବେ ୧୯୯୬ ମସିହାରେ ବିଶ୍ୱବ୍ୟାଙ୍କ ସହାୟତାରେ ସ୍ଥାନୀୟ ଅଞ୍ଚଳର ୪୧୧ ହିତାଧିକାରୀଙ୍କୁ ସାମିଲ କରାଯାଇ ଚିଙ୍ଗୁଡି ଘେରି ମାଧ୍ୟମରେ ରୋଜଗାର କରିବାର ବାଟ ଦେଖାଇ ଦିଆଯାଇଥିଲା। ଏବେ ଏହାକୁ ବେଆଇନ କହି ଉଚ୍ଛେଦ କରାଯାଉଛି। ଅନ୍ୟପଟେ ୨୦୧୬ରେ ରାଜ୍ୟ ସରକାର ବେସରକାରୀ ସଂସ୍ଥାକୁ ଚିଙ୍ଗୁଡି ଘେରି ପାଇଁ ଜମି ଲିଜ୍ ଦେଇ ରୋଜଗାର କରୁଛନ୍ତି। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ପ୍ରଥମେ ସରକାରଙ୍କ ଦୁଇ ପ୍ରକଳ୍ପ ବନ୍ଦ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚିଙ୍ଗୁଡି ଘେରି ଭଙ୍ଗା ଯାଉ ବୋଲି ସେମାନେ ଦାବି କରିଛନ୍ତି। ଏଥିସହିତ ଜିଲା ପ୍ରଶାସନ ବିରୋଧରେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ପରିବେଶବିତ୍ ବାରହାପୁରର ହେମନ୍ତ କୁମାର ରାଉତ, ରାଜନଗରର ଜଗନ୍ନାଥ ଦାଶ, କେନ୍ଦ୍ରାପଡ଼ାର ସେକ୍ ଚାନ୍ଦ ପ୍ରମୁଖ କୁହନ୍ତି, ଏହି ଦୁଇ ପ୍ରକଳ୍ପ ପରିବେଶ ସୁରକ୍ଷା ଆଇନ ୧୯୮୬କୁ ଉଲ୍ଲଂଘନ କରୁଛି। ସେକ୍ସନ-୨୯ ଅନୁଯାୟୀ, ପରିବେଶ ସମ୍ବେଦନଶୀଳ ଗ୍ରାମଗୁଡ଼ିକରେ ଚିଙ୍ଗୁଡି ଘେରି ପରି ପ୍ରକଳ୍ପ ହୋଇପାରିବ ନାହିଁ। ୨୦୧୪ ମସିହା ବିଜ୍ଞପ୍ତିରେ ଏହି ଅଞ୍ଚଳ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷିତ ହୋଇସାରିଛି। ଏଥିସହିତ ବନବିଭାଗ, ବନ୍ୟପ୍ରାଣୀ ବିଭାଗ, କୋଷ୍ଟାଲ ଆକ୍ୱାକଲଚର ଅଥରିଟି ଓ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ପ୍ରସ୍ତୁତ ସିଇସି (ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି) ଗାଇଡଲାଇନ ଉଲ୍ଲଂଘନ ହେଉଥିବାରୁ ଚିଙ୍ଗୁଡି ଘେରି ନିର୍ମାଣ ଅବୈଧ ଅଟେ। ଉକ୍ତ ପ୍ରକଳ୍ପରେ ବ୍ୟବହୃତ ଖାଦ୍ୟ, ଔଷଧ ଓ ରାସାୟନିକ ସାର ପ୍ରୟୋଗ ହେତୁ ଗ୍ରାମ ପରିବେଶକୁ ବିଷାକ୍ତ କରୁଛି। ଏହି ଅଞ୍ଚଳକୁ ଏବେ ଖୁବ୍ କମ୍ ଦେଶୀୟ ପକ୍ଷୀ ଆସୁଥିବାରୁ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟ ଗୃହ ଉନ୍ନତୀକରଣ ଦାବି




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଭିଯୋଗକାରୀମାନେ

**କେନ୍ଦ୍ରାପଡା ଅଫିସ, ୨୫।୯**

### ଜିଲାପାଳଙ୍କୁ ଅଭିଯୋଗପତ୍ର ଦେଲେ ପଞ୍ଚାୟତବାସୀ

କେନ୍ଦ୍ରାପଡ଼ା ବ୍ଲକ କୁତରଙ୍ଗ ଉଚ୍ଚ ବିଦ୍ୟାଳୟ ଗୃହ ଉନ୍ନତୀକରଣ ଦାବି କରି ପଞ୍ଚାୟତବାସୀ ଜିଲାପାଳଙ୍କୁ ବୁଧବାର ଏକ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମର ନରୋତ୍ତମ ମଲ୍ଲିକ କହିଛନ୍ତି, ୧୯୮୦ ମସିହାରେ ଏହି ସ୍କୁଲ ପ୍ରତିଷ୍ଠା କରାଯାଇଥିଲା। ଗତ ମେ ମାସରେ ହୋଇଥିବା ବାତ୍ୟା ଫନୀରେ ସ୍କୁଲର ଶ୍ରେଣୀଗୃହ ଓ କାର୍ଯ୍ୟାଳୟ ଭାଙ୍ଗି ଯାଇଛି। ଏ ନେଇ ଶିକ୍ଷା ବିଭାଗୀୟ ଅଧିକାରୀଙ୍କୁ ପରିଚାଳନା କମିଟି ପକ୍ଷରୁ ଅବଗତ କରାଯାଇଥିଲେ ବି କିଛି ବ୍ୟବସ୍ଥା କରାଯାଇନାହିଁ। ଫଳରେ ପିଲାଙ୍କ ପାଠପଢ଼ା ଓ ଅଫିସ୍ କାର୍ଯ୍ୟ ବ୍ୟାହତ ହେଉଛି। ତେଣୁ ତୁରନ୍ତ ଗୃହ ମରାମତି କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଥିବା ନରୋତ୍ତମ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ସୀତା ମଲ୍ଲିକ, ସମିତିସଭ୍ୟ ଅରୁଣ ମଲ୍ଲିକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଜୁ ପକ୍କାଘର, ଆବାସ ଯୋଜନାରେ ଗୃହ ବଣ୍ଟନରେ ଅନିୟମିତତା

# ଚନ୍ଦନନଗର ପଞ୍ଚାୟତରେ ଜିଲାପାଳଙ୍କ ତଦନ୍ତ

**ପଟ୍ଟାମୁଣ୍ଡାଇ, ୨୫।୯ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଚନ୍ଦନନଗର ପଞ୍ଚାୟତରେ ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇ ଆସୁଥିଲା। ବୁଧବାର ପ୍ରବଳ ବର୍ଷା ସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା ଚନ୍ଦନନଗର ପଞ୍ଚାୟତରେ ପହଞ୍ଚି ଅଭିଯୋଗର ତଦନ୍ତ କରିଛନ୍ତି। ଏଥିସହିତ ଏହି ପଞ୍ଚାୟତରେ ଯୁବକମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ଘଟଣାର ତନଖି କରିଥିଲେ। ତେବେ ଜଣେ ବ୍ୟକ୍ତି ଇନ୍ଦିରା ଆବାସ, ବିଜୁ ପକ୍କାଘର ଓ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ପଞ୍ଚାୟତ ଅଧୀନ ଅଡ଼ାଯୋଡ଼ି, ତେତଲଙ୍ଗା ଆଦି ଗ୍ରାମରେ ଜିଲାପାଳ ତଦନ୍ତ କରି ଫେରିଛନ୍ତି। ତଦନ୍ତ ବେଳେ ଜିଲାପାଳଙ୍କ ସହ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସାମିଲ ହୋଇଥିଲେ। ତଦନ୍ତ ସରିବା ପରେ ଏହି ଅନିୟମିତତାରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ବର୍ମା କହିଛନ୍ତି।

### ସାପ କାମୁଡ଼ାରେ ଜଣେ ମୃତ

**ମାର୍ଶାଘାଇ, ୨୫।୯ (ଡି.ଏନ୍.ଏ.)**

ମାର୍ଶାଘାଇ ବଜାର ସଂଲଗ୍ନ ଦଳିତ ବସ୍ତିର ଭରତ ଚନ୍ଦ୍ର ଯେନା(୭୪)ଙ୍କର ବୁଧବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଭରତ ଘାସ କାଟୁଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଖବରପାଇ ମାର୍ଶାଘାଇ ଜୋନ୍ ସଭାପତି ଇଂ. ପ୍ରକାଶ ଦାସ, ଶୁକଦେବ ସ୍ୱାଇଁ, ବିଦ୍ୟାଧର ମଲ୍ଲିକ, ମାର୍ଶାଘାଇ ବଜାର କମିଟି ସମ୍ପାଦକ ଉପେନ୍ଦ୍ର ବେହେରା ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

# ଜିଲା ବ୍ୟାଙ୍କର୍ସ କମିଟି ସମୀକ୍ଷା ବୈଠକ

**କେନ୍ଦ୍ରାପଡା ଅଫିସ, ୨୫।୯**

କେନ୍ଦ୍ରାପଡା ଜିଲାସ୍ତରୀୟ ବ୍ୟାଙ୍କର୍ସ କମିଟି ସମୀକ୍ଷା ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉନ୍ନୟନ ଯୋଜନାରେ ବ୍ୟାଙ୍କ ସମୂହର ଭୂମିକା ସମ୍ପର୍କରେ ସମୀକ୍ଷା ହୋଇଥିଲା। ଆବାହକ ଜିଲା ଅଗ୍ରଣୀ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ସୁନିଲ କୁମାର ପୁରୋହିତ ପିଏମଇଜିପି, ଏନୟୁଏଲଏମ୍, ଓଏସ୍ଏଫଡିସି, ଡାଏରୀ, ଫିସରୀ, ପୋଲଟ୍ରୀ, କେଏସ୍‌କେ, ଏଗ୍ରୀ କ୍ଲିନିକ ଓ ଏଗ୍ରୀ ବିଜନେସ ସ୍କିମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିସହିତ ବ୍ୟାଙ୍କ ଋଣ ଓ ପରିଶୋଧ, ଏସ୍ଏସ୍‌ଜି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ପିଡି ଦିଲୀପ କୁମାର ପରିଡା, ଆରବିଆଇ ଏଜିଏମ୍ ସୁନିଲ ଦାଶ, ନାବାର୍ଡ ଡିଡିଏମ୍ ଏ.କେ. ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ।

# ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ

**କେନ୍ଦ୍ରାପଡା ଅଫିସ, ୨୫।୯**

କେନ୍ଦ୍ରାପଡା ଜିଲାରେ ଗତ ସେପ୍ଟେମ୍ବର ୧ ତାରିଖରୁ ମାସ ଶେଷ ପର୍ଯ୍ୟନ୍ତ କୁପୋଷଣ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ କେନ୍ଦ୍ରପଡା ବ୍ଲକ ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ଆୟୋଜିତ ଏହି ସଭାରେ ଜିଲା ଅଧିକାରିଣୀ ଚିନ୍ମୟୀ ରଥ ଅଧକ୍ଷତା କରିଥିଲେ। ଏଥିରେ ଏଡିଏମ୍ ବସନ୍ତ କୁମାର ରାଉତ, ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ, ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଆଲୋକ କୁମାର ମହାନ୍ତି, ରାମସା ସଂଯୋଜକ ପୀତବାସ ପଣ୍ଡା, ବିଡିଓ ସୁଧୀର କୁମାର ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁଙ୍କୁ କୁପୋଷଣରୁ ମୁକ୍ତି ପାଇଁ ଚାଲିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ୬ ମାସ ପର୍ଯ୍ୟନ୍ତ ଶିଶୁଙ୍କ ପାଇଁ ସ୍ତନ୍ୟପାନ ଅତ୍ୟନ୍ତ ଜରୁରୀ। ଏଥିପାଇଁ ସଚେତନତା ସୃଷ୍ଟି କରାଯାଉଥିବା ବେଳେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସେବା କେନ୍ଦ୍ରର ନର୍ସମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଉଛନ୍ତି। ଏହି ଅବସରରେ ଶିଶୁଙ୍କ ଓଜନ କରିବା ସହିତ ସେମାନଙ୍କର ଆବଶ୍ୟକୀୟ ଖାଦ୍ୟ ପାଇଁ ଅଭିଭାବକଙ୍କୁ ସଚେତନ କରାଯାଇଥିଲା। ସେହିପରି ଆବଶ୍ୟକ ଔଷଧ ପ୍ରଦାନକୁ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ୯ ବ୍ଲକର ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।




ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ ଓ ଅନ୍ୟମାନେ।

### ଭୂତଳ ଜଳ ସଂରକ୍ଷଣ ପ୍ରୟାସ

**ପଟ୍ଟାମୁଣ୍ଡାଇ, ୨୫।୯ (ସ୍ୱ.ପ୍ର)**

ଭୂତଳ ଜଳ ସଂରକ୍ଷଣ କରିବାରେ ତାଳ ଗଛ ବିଶେଷ ଭାବେ ସହାୟକ ହୋଇଥାଏ। ଏଣୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳସ୍ଥିତ ବେଲେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ଇତିମଧ୍ୟରେ ବ୍ୟାପକ ତାଳ ମଞ୍ଜି ରୋପଣ କରାଯାଇଛି। ୧୫ନଂ. କେନାଲ ବନ୍ଧ ବନ୍ଧପଡାଠାରୁ ଅଇନିପଡା ପର୍ଯ୍ୟନ୍ତ ଦେଢ କି.ମି. ଦୂର କେନାଲ ବନ୍ଧରେ ପ୍ରାୟ ୧୫୦ ତାଳ ମଞ୍ଜି ରୋପଣ କରାଯାଇଛି। ସଂସଦ ସଭାପତି ବ୍ରଜବନ୍ଧୁ ଦାଶ, ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ପାତ୍ର, ଗାଳ୍ପିକ ପ୍ରଦୀପ ନାୟକ, ପ୍ରଧାନ ଶିକ୍ଷକ ନାରାୟଣ ପ୍ରସାଦ ରାଉଳ, ପ୍ରମୋଦ କୁମାର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଏଥିରେ ସାମିଲ ଥିଲେ।

# ଭରତପୁର ଚୋରି ଘଟଣା: ୨ ଗିରଫ

**ଆଳି, ୨୫।୯ (ଡି.ଏନ୍.ଏ.)**



ଥାନାରେ ଗିରଫ ଅଭିଯୁକ୍ତ ମୁନା ଓ ବବ।

ଆଳି ଥାନା ଅଧୀନ ଭରତପୁର ଗ୍ରମର ଦୁଇ ଜଣଙ୍କ ଘରୁ ହୋଇଥିବା ସଶସ୍ତ୍ର ଡକାୟତି ଘଟଣାରେ ପୋଲିସ ଆଉ ଦୁଇ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଟ୍ଟାମୁଣ୍ଡାଇ ବଡମୂଳବସନ୍ତର ମୁନା ଦାସ ଓ ଭଦ୍ରକ ଧାମନଗରର ନୂଆପଡା ଗ୍ରାମର ବବ ଦାସ। ମଙ୍ଗଳବାର ରାତିରେ ପାଟ୍ରୋଲିଂ ବେଳେ ପୋଲିସ ମୁନା ଓ ବବଙ୍କୁ ସନ୍ଦେହରେ ଉଠାଇ ଆଣି ପଚରଉଚୁରା କରୁଥିଲା। ଉଭୟେ ଭରତପୁର ଡକାୟତି ଘଟଣାରେ ସାମିଲ ଥିବା ପୋଲିସ ଜାଣିପାରିବା ପରେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଏମାନେ ଆଳି ଥାନା ମୂଳସାହି ଗ୍ରାମ ଚୋରି ଘଟଣା ଏବଂ ରାଜକନିକା ଓ ପଟ୍ଟାମୁଣ୍ଡା ଅଞ୍ଚଳରେ ହୋଇଥିବା ଏକାଧିକ ଚୋରିରେ ସାମିଲ ଥିବା ଆଇଆଇସି ସଲିଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭରତପୁର ଚୋରି ଘଟଣାରେ ପୋଲିସ ପୂର୍ବରୁ ୯ ଜଣ ଙ୍କୁ ଗିରଫ କରିଥିଲା।

# ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ସ୍ମୃତିସଭା

**ଡେରାବିଶ, ୨୫।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକସ୍ଥିତ ବାଲିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ନାୟକଙ୍କ ଚତୁର୍ଦ୍ଦଶାହ ଅବସରରେ ବାଲିଆ ସରକାରୀ ହାଇସ୍କୁଲ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ପୁରାତନ ଛାତ୍ର, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଦେବକୀନନ୍ଦନ ମିଶ୍ର ଗୀତା ଓ ଜଗଦୀଶ ପ୍ରସାଦ ସାହୁ ଭାଗବତ ପାଠ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ଜେନାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ତପନ କୁମାର ସିଂ, ସାରଦା ପ୍ରସନ୍ନ ସ୍ୱାଇଁ, ରମେଶ ଚନ୍ଦ୍ର ପତି, ପ୍ରେମାନନ୍ଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ନାୟକ ଜଣେ ଛାତ୍ର ବତ୍ସଳ, ଆଦର୍ଶ ଶିକ୍ଷକ, ଶିକ୍ଷା ସଂଗଠକ ଓ ଅନୁଷ୍ଠାନ ପ୍ରେମୀ ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ପ୍ରାଧ୍ୟାପକ ଅଜୟ କୁମାର ରାଉତ ଓ ଇଂ. ବିଭୂତି ଭୂଷଣ ନାୟକ ଅତିଥିଙ୍କୁ ଆତିଥେୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବାନାମ୍ବର ସାହୁ, ସଙ୍ଗମ କେଶରୀ ସାମଲ, ପ୍ରତାପ ରାଉତ, ହର୍ଷବର୍ଦ୍ଧନ ସାମଲ ପ୍ରମୁଖ ସହଯୋଗ କରିଥିଲେ।




ସ୍ମୃତିସଭାରେ ଉପସ୍ଥିତ ଅତିଥବ ଓ ଅନ୍ୟମାନେ।

## ଡେରାବିଶ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ

# ପାନୀୟ ଜଳ ସମସ୍ୟା ନେଇ ହୋହଲ୍ଲା

**ଡେରାବିଶ,୨୫।୯ (ସ୍ୱ.ପ୍ର.)**

ଡେରାବିଶ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ ବୁଧବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସରୋଜକାନ୍ତ ସାହୁଙ୍କ ଅଧକ୍ଷତା ଆୟୋଜିତ ବୈଠକରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଡେରାବିଶ ପଞ୍ଚାୟତ ସମିତିକୁ ସର୍ବଶ୍ରେଷ୍ଠ ପଞ୍ଚାୟତ ସମିତିରେ ପରିଣତ କରିବା ପାଇଁ ସ୍ଥାନୀୟ ଲୋକ ପ୍ରତିନିଧି ଓ ଜଳସାଧାରଣଙ୍କ ସହଯୋଗ କାମନା କରିଥିଲେ। ବିଡିଓ ଗୋପବନ୍ଧୁ ଭୋସାଗର ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ବ୍ଲକ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାନୀୟ ଜଳ ଯୋଗାଣ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ବ୍ଲକ ଅଧୀନ ୨୬ଟି ଯାକ ପଞ୍ଚାୟତରେ ପିଇବା ପାଣି ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ନେଇ ଲୋକ ପ୍ରତିନିଧିମାନେ ହୋହଲ୍ଲା କରିଥିଲେ। ଚାଟରାଚକଡ଼ାଠାରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ବେଳେ ମରାମତି କରାଯାଉ ନ ଥିବା ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା ଅଭିଯୋଗ କରିଥିଲେ। ସେହିପରି ନହଙ୍ଗରେ ଥିବା ସନ୍ଥପୁରା ଓ ନହଙ୍ଗ ପାନୀୟ ଜଳ ପ୍ରକଳ୍ପରୁ ପାଇପ୍ ଯୋଗେ ବିଭିନ୍ନ ଗ୍ରାମକୁ ଯୋଗାଇ ଦିଆଯାଇଥିବା ପାଣି ପାଇପ୍ କଳଙ୍କିଲାଗି କଣା ହୋଇଯାଇଥିବାରୁ କେତେକ ଗ୍ରାମରେ ପାଣି ପହଞ୍ଚି ପାରୁ ନାହିଁ। ତୁରନ୍ତ ଏହାର ମରାମତି କରିବାକୁ ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକ ଓ ସମିତିସଭ୍ୟ କ୍ଷେତ୍ରବାସୀ ନାୟକ ଅଭିଯୋଗ କରିଥିଲେ। ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା, କୁଶିଆପାଳ ସରପଞ୍ଚ ପ୍ରଭାତି ସାହୁ ଓ ସମିତିସଭ୍ୟ ନିରୁପମା ବେହେରା ପ୍ରମୁଖ ସମାନ ଅଭିଯୋଗ ଆଣିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ମହାପାତ୍ର ଅଭିଯୋଗଗୁଡ଼ିକର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଗୃହ ମଧ୍ୟରେ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଏ ନେଇ ସ୍ୱତନ୍ତ୍ର ଆଲୋଚନା କରାଯିବା ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରିବାକୁ ବିଡିଓଙ୍କୁ କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେହିପରି ପଟ୍ଟାମୁଣ୍ଡାଇ ଶାଖା କେନାଲ୍‌ରୁ ଯାଇଥିବା ୯ ନଂ. (ଏ) ଶାଖା କେନାଲ ସଫେଇ ହୋଇନଥିବାରୁ ଚାଷଜମିକୁ ପାଣି ଯାଇ ପାରୁନ ଥିବା ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳ ଅଭିଯୋଗ କରିଥିଲେ। ସେହିପରି ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମସେବକଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଉନ୍ନୟନକାର୍ଯ୍ୟରେ ବାଧା ହେଉଥିବା ବେଣିପୁର ସମିତିସଭ୍ୟ ଦେବାଶିଷ ଆଚାର୍ଯ୍ୟ ଅଭିଯୋଗ କରିଥିଲେ। ଅନ୍ୟପଟେ ବୈଠକରେ ଗୃହୀତ ହେଉଥିବା ବିଭିନ୍ନ ପ୍ରସ୍ତାବ କାର୍ଯ୍ୟକାରୀ ହେଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ହରିଅଙ୍କ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ସରପଞ୍ଚ ଯୁଗଳ କିଶୋର ମହାନ୍ତିଙ୍କୁ କାର୍ଯ୍ୟରେ ସହଯୋଗ କରୁ ନ ଥିବା ସରପଞ୍ଚ ଅଭିଯୋଗ କରିଥିଲେ। ବୈଠକରେ ପଞ୍ଚାୟତ ସମିତି ଉପାଧକ୍ଷା ରଶ୍ମିତା ନାୟକ, ଜିଲା ପରିଷଦ ସଭ୍ୟା ପୂର୍ଣ୍ଣିମା ମଲ୍ଲ, ମନୋରମା ସାହୁ, ଜବା ମୁର୍ମୁ, ଏବିଡିଓ ଭଞ୍ଜକିଶୋର ନାୟକ, ପଞ୍ଚାୟତିରାଜ ଅଧିକାରୀ ନନ୍ଦିନୀ ଶତପଥୀଙ୍କ ସମେତ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ସ୍ୱାଇଁ, ବ୍ଲକ କୃଷି ଅଧିକାରୀ ପ୍ରଭାତ କୁମାର ସାମଲଙ୍କ ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗଦେଇଥିଲେ।



ବୈଠକରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୬/୨୦୧୯ Bhubaneswar, Thursday, September 26/2019


# ସ୍ନାତକୋତ୍ତର ଶିକ୍ଷାରୁ ବଞ୍ଚିତ ଗ୍ରାମାଞ୍ଚଳ ଛାତ୍ରୀଛାତ୍ର

- ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଶିକ୍ଷା ବିଭାଗର ନିବେଦନ
- ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ପତ୍ର
- ଝୁଲି ରହିଛି ଚିତାଲୋ, ବିବି କଲେଜର ପ୍ରସ୍ତାବ
- ମହାପୁରୁଷ ହାଡ଼ିଦାସ ଡିଗ୍ରୀ କଲେଜରେ ବିଜ୍ଞାନ ବିଷୟ ଖୋଲିଲାନି

**ଯାଜପୁର ଅଫିସ,୨୫ା୯**

ଯାଜପୁର ଜିଲା ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷା ପାଇବାରୁ ଛାତ୍ରୀଛାତ୍ର ବଞ୍ଚିତ ରହିଛନ୍ତି। ଶିକ୍ଷା ବିଭାଗର ଅଦୂରଦର୍ଶିତା ଓ ଆନ୍ତରିକତାର ଅଭାବ ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ଜିଲାର କେତେକ କଲେଜରେ ବିଭିନ୍ନ ବିଷୟରେ ସ୍ନାତକୋତ୍ତର(ପିଜି) ଶିକ୍ଷା ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ଛାତ୍ରୀଛାତ୍ର କଟକ, ଭୁବନେଶ୍ୱର କିମ୍ବା ଅନ୍ୟତ୍ର ସହରକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ପିଜି ପାଠ୍ୟକ୍ରମ ପାଇଁ ସ୍ଥାନୀୟ କେତେକ କଲେଜ ଆବେଦନ କରିଥିଲେ ହେଁ ସେଥିପ୍ରତି ଦୃଷ୍ଟି ନ ଦେବା ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ କାର୍ଯ୍ୟସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିକ୍ରମରେ ବର୍ଷାଧିକ କାଳ ହେଲା ଯାଜପୁର ଜିଲାର ଚିତାଲୋ ଡିଗ୍ରୀ କଲେଜ, ଚଣ୍ଡିଖୋଲ ବାବା ଭୈରାବାନନ୍ଦ(ବିବି) ସ୍ୱୟଂଶାସିତ କଲେଜ ଓ ଛତିଆ ମହାପୁରୁଷ ହାଡ଼ିଦାସ ଡିଗ୍ରୀ କଲେଜରେ ବିଭିନ୍ନ ବିଷୟରେ ପିଜି ଶିକ୍ଷା, ସିଟ୍ ବୃଦ୍ଧି, ବିଜ୍ଞାନ ଆଦି ଖୋଲିବା ପାଇଁ ଆବେଦନ କରିଥିଲେ ହେଁ ତାହା ଝୁଲି ରହିଛି । ଏହି ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଛି। ହାଇକୋର୍ଟ ପକ୍ଷରୁ ୧୬ା୭ା୨୦୧୯ ତାରିଖରେ ଡବ୍ଲ୍ୟୁପି କେସ୍ ନମ୍ବର ୧୧୪୯୨/୨୦୧୯ରେ ୩ମାସ ମଧ୍ୟରେ ଚିତାଲୋ କଲେଜର ପ୍ରସ୍ତାବ ଉପରେ ଆବଶ୍ୟକ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ ଶିକ୍ଷା ବିଭାଗ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳକୁ ନିବେଦନ ହୋଇଥିଲେ ହେଁ ତାହା ଏଯାଏ କାର୍ଯ୍ୟକାରୀ ହୋଇପାରି ନାହିଁ। ଇତିମଧ୍ୟରେ ଶିକ୍ଷା ବିଭାଗର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା. ୮୪୦୨/୨୫ା୯ା୨୦୧୯ରେ ପୁଣି ଥରେ ପ୍ରସ୍ତାବଗୁଡ଼ିକ ଉପରେ ଯୁଗ୍ମ ନୀରିକ୍ଷଣ କରି ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ନିବେଦନ କରିଛନ୍ତି। ଉକ୍ତ ପତ୍ରରେ ଦର୍ଶାଯାଇଛି ଯେ, ଚିତାଲୋ ଡିଗ୍ରୀ କଲେଜରେ ଏଜୁକେଶନ, ରାଜନୀତି ବିଜ୍ଞାନ, ସୋସିଓଲୋଜି, ସଂସ୍କୃତ ଓ ଇତିହାସ ବିଷୟରେ ପିଜି ପାଠ୍ୟକ୍ରମ ଖୋଲିବାକୁ ପ୍ରସ୍ତାବ ରହିଛି। ବିଜ୍ଞାନରେ ବଟାନି, କେମେଷ୍ଟ୍ରି, କମ୍ପ୍ୟୁଟର ସାଇନ୍ସ, ଗଣିତ ଓ ଜୁଓଲୋଜି ବିଷୟରେ ପିଜି ପାଠ୍ୟକ୍ରମ ଖୋଲିବାର ପ୍ରସ୍ତାବ ଦିଆଯାଇଛି। ଏହାସହ ବାଣିଜ୍ୟରେ ପିଜି ପାଠ୍ୟକ୍ରମ ଖୋଲିବା ସହିତ ଯୁକ୍ତ ୩ କଳା ଓ ବିଜ୍ଞାନରେ ସିଟ୍ ସଂଖ୍ୟା ବୃଦ୍ଧି ପାଇଁ ଆବେଦନ କରାଯାଇଛି। ସେହିପରି ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜରେ ଏଜୁକେଶନରେ ପିଜି ଏବଂ ଛତିଆ ମହାପୁରୁଷ ହାଡ଼ିଦାସ ଡିଗ୍ରୀ କଲେଜରେ ଅନର୍ସ ବିଷୟ ସହିତ ଯୁକ୍ତ୩ ବିଜ୍ଞାନ ବିଷୟ ଖୋଲିବାକୁ ଆବେଦନ କରାଯାଇଛି। ପୂର୍ବରୁ ଏନେଇ ଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୧୧୧/୭ା୨ା୨୦୧୯, ୩୪୪୪/୧୪ା୫ା୨୦୧୯ ଏବଂ ସରକାରୀ ପତ୍ରସଂଖ୍ୟା ୧୭୨୫୦/ଏଚ୍‌ଇ/୨୬ା୮ା୨୦୧୯ରେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଯୁଗ୍ମ ତଦନ୍ତ କରିବାକୁ ନିର୍ଦ୍ଦେଶ ହୋଇଛି। ଇତିମଧ୍ୟରେ ହାଇକୋର୍ଟ ପିଜି କୋର୍ସ ଖୋଲିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି। ଏହିକ୍ରମରେ ଆସନ୍ତା ୩୦ା୯ା୨୦୧୯ ତାରିଖରେ ଯୁଗ୍ମ ତଦନ୍ତ କରି ନିର୍ଦ୍ଧାରିତ ସମୟରେ ରିପୋର୍ଟ ଦାଖଲ କରିବାକୁ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ନିବେଦନ କରିଛନ୍ତି। ତେବେ କଲେଜ କର୍ତ୍ତୃପକ୍ଷଙ୍କ ଏହିସବୁ ପ୍ରସ୍ତାବ ଉପରେ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ବିଭାଗ ସେତେଟା ଆଗ୍ରହ ପ୍ରକାଶ କରି ନାହାନ୍ତି । ବରଂ ଭୁବନେଶ୍ୱର, କଟକ ଆଦି ସ୍ଥାନରେ ଠିକ ସମୟରେ ନୀରିକ୍ଷଣ କରି ଏକାଧିକ ପିଜି ବିଷୟ ଖୋଲାଯାଇଥିବା ସୂଚନା ମିଳିଛି। ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ବିଭାଗ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବାରୁ ଚିତାଲୋ କଲେଜ କର୍ତ୍ତୃପକ୍ଷ ସ୍ୱୟଂଶାସିତ କଲେଜ ଆବେଦନ ସହିତ ବିଭିନ୍ନ ପାଣ୍ଠି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିଯୋଗୁ ସ୍ଥାନୀୟ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



REGIONAL DIRECTORATE OF EDUCATION, UNIT-II, BHUBANESWAR-09
Tele Fax-0674-2533284, Email-rdebbsr@rediffmail.com
Letter No. 8402 /RDE, Dt. 25.9.19

To
The Vice Chancellor,
Utkal University,
Vanivihar, Bhubaneswar.

Sub: Joint Inspection of Chitalo Degree Mahavidyalaya, Chitalo, Dist-Jajpur for opening of P.G Courses.

Ref: 1.This Office Letter No.1111, Dtd.7.2.2019 and Letter No-3444 dtd-14.05.2019
2. Order dtd-16.07.2019 of Hon'ble High Court passed in W.P. (C) No-11492/2019
3. Govt. letter No-17250/HE dtd-26.08.2019

Sir,

In inviting a reference to the letters and orders on the subject cited above, I am to say that the proposals in respect of Chitalo Degree Mahavidyalaya, Chitalo, Dist-Jajpur alongwith other Colleges were submitted to you for assignment of inspecting officer for taking up the joint inspection for opening of P.G Courses which is yet to be intimated to the undersigned for which the joint inspection could not be taken up till date.

It is further stated here that Hon'ble High Court vide their order dtd-16.07.2019 passed in W.P.(C) No-11492/2019 have directed to take decision on the proposals of Chitalo Degree Mahavidyalaya, Chitalo, Dist-Jajpur within a period of three months.

In view of the above, you are once again requested to send your representative alongwith his contact number, so that the joint inspection can be taken up on the following proposals of Chitalo Degree Mahavidyalaya, Chitalo, Dist-Jajpur alongwith other Colleges and decision can be taken by the high Power Committee within the stipulated time in compliance to the orders of Hon'ble Court.

| Sl No. | Name of the College with Address | Location | Proposals | Date of inspection |
|---|---|---|---|---|
| 1 | Chitalo Degree Mhv., Chitalo, Dist-Jajpur | Chitalo | Opening of M.A in Education, Political Science, Sociology, Sanskrit, History. Opening of MSc., Botany, Chemistry, Computer Science, Mathematics & Zoology. Opening of M.Com. Increase of seats in +3 Arts and Science | 30.09.2019 |
| 2 | B.B (Auto.) College, Chandikhol, Dist-Jajpur | Chandikhol | Opening of M.A in Education | 30.09.2019 |
| 3 | Mahapurusha Hadi Das Degree Mhv., Chhatia, Dist-Jajpur | Chhatia | Opening of +3 Sc. Stream with 128 seats alongwith Hons. Subjects | 30.09.2019 |

Yours faithfully,
Regional Director of Education
Bhubaneswar

## ଶିକ୍ଷକଙ୍କ ନାଁରେ ମାମଲା: କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୨୫ା୯**

ରାଜକନିକା ବ୍ଲକ ଅଞ୍ଚଳର ଜନୈକ ଶିକ୍ଷକଙ୍କ ନାମରେ ବିଭିନ୍ନ ଅପରାଧିକ ମାମଲା ରହିଛି। ଏହି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ବେଳେ ଥାନା ଭେରିଫିକେଶନକୁ ଗୁରୁତ୍ୱ ଦିଆଯାଇ ନ ଥିବା ସ୍ଥାନୀୟ ରସିକନଗର ଗ୍ରାମର ଦୁଷ୍ମନ୍ତ ଆଚାର୍ଯ୍ୟ ଜିଲାପାଳଙ୍କ ନିକଟରେ ବୁଧବାର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରୀ ଆଚାର୍ଯ୍ୟ କୁହନ୍ତି, ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ରାଜକନିକା ଥାନାରେ କେସ୍ ନଂ. ୧୫୮/୧୪, ଜିଆର୍ ନଂ. ୩୭୨/୧୪ରେ ମାମଲା ରହିଛି। ସେହିପରି ୨୦୧୯ରେ ତାଙ୍କ ନାମରେ ଆଉ ଏକ ମାମଲା (କେସ ନଂ.– ୧୨୧/୧୯) ରୁଜୁ ହୋଇଛି। ତେବେ ଶିକ୍ଷା ବିଭାଗ ଏହାକୁ ଗୁରୁତ୍ୱ ନ ଦେଇ ସମ୍ପୃକ୍ତ ଶିକ୍ଷକଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି ଦେଇଛନ୍ତି। ତେଣୁ ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ଅଭିଯୋଗକାରୀ ଆଚାର୍ଯ୍ୟ କହିଛନ୍ତି। ଏ ନେଇ ତୁରନ୍ତ ତଦନ୍ତ ପାଇଁ ଜିଲା ଶିକ୍ଷା ବିଭାଗକୁ ଜିଲାପାଳ ସମର୍ଥ ବର୍ମା ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ମେସ୍କୋ ହୋଟେଲ, ଗେଷ୍ଟ ହାଉସ୍ ଦଖଲକୁ ନେଲା ଇଡ୍‌କୋ

**କଳିଙ୍ଗନଗର,୨୫ା୯(ଡି.ଏନ୍.ଏ.)**



ଇଡ୍‌କୋ ପକ୍ଷରୁ ଗେଷ୍ଟ ହାଉସ୍ ଦଖଲ କରାଯାଉଛି ।

କଳିଙ୍ଗନଗର ଶିଳ୍ପାଞ୍ଚଳ ଯଖପୁରାଠାରେ ଥିବା ମେସ୍କୋଷ୍ଟିଲର ଏକ ହୋଟେଲ ଓ ଗେଷ୍ଟହାଉସ୍‌କୁ ବୁଧବାର ଇଡ୍‌କୋ ଦଖଲକୁ ନେଇଛି। ଇଡ୍‌କୋ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ଏହି ଗେଷ୍ଟହାଉସ୍‌କୁ ଦଖଲ ନେବାପାଇଁ ଯଖପୁରା ଠାରେ ପହଞ୍ଚିଥିଲେ। ମାଜିଷ୍ଟ୍ରେଟ୍ ଭାବେ ଦାନଗଦୀ ତହସିଲଦାର ବୁଲବୁଲ ବେହେରା ଓ ଦାନଗଦୀ ବିଡିଓ ମଣି ପ୍ରସାଦ ମିଶ୍ର ଦାୟିତ୍ୱରେ ଥିବାବେଳେ ଇଡ୍‌କୋ ପକ୍ଷରୁ ଯାଜପୁର ରୋଡ ଡିଭିଜିନାଲ ମୁଖ୍ୟ ରାଜ କିଶୋର ନାୟକ ଓ ଇଡ୍‌କୋର ବହୁ କର୍ମଚାରୀ ଉପସ୍ଥିତ ଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ଉପୁଜିବା ଆଶଙ୍କାରେ ଯଖପୁରା ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନାଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରକାଶ ଯେ, ୧୯୯୪ରେ ମେସ୍କୋଷ୍ଟିଲ ଯଖପୁରାଠାରେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ଇଡ୍‌କୋଠାରୁ ୧୭୫୬ ଏକର ଜମି ହାତେଇ ଥିଲା। ଏହି ଜମି ମଧ୍ୟରୁ ୧୫୬ ଏକର ଜମିରେ ଏକ ବିଶାଳ ହୋଟେଲ ଓ ଗେଷ୍ଟହାଉସ୍ ନିର୍ମାଣ କରିଥିଲା। ପରବର୍ତ୍ତୀ ଅବସ୍ଥାରେ ମେସ୍କୋ ଜମି ନେବା ବାବଦକୁ ପ୍ରଦାନ କରିବାକୁ ଥିବା ଅର୍ଥ ଇଡକୋ କର୍ତ୍ତୃପକ୍ଷଙ୍କୁ ଦେଇ ନ ଥିଲା। ଏ ନେଇ ଇଡକୋ କର୍ତ୍ତୃପକ୍ଷ ବାରମ୍ବାର ନୋଟିସ୍ କରିଥିଲେ ମଧ୍ୟ ମେସ୍କୋ କର୍ତ୍ତୃପକ୍ଷ ଏହାକୁ ଭରଣ ନ କରି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସେପ୍ଟେମ୍ବର ୨୪ ତାରିଖ ସୁଦ୍ଧା ଏହି ଗେଷ୍ଟହାଉସକୁ ଖାଲି କରିବାକୁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରା ଯାଇଥିଲା। ଏହି କ୍ରମରେ ବୁଧବାର ମାଜେଷ୍ଟ୍ରେଟଙ୍କ ଉପସ୍ଥିତରେ ହୋଟେଲରେ ଏବଂ ଗେଷ୍ଟ ହାଉସ୍‌ରେ ଥିବା ୮୦ଟି ଦାମି କୁକୁର, ସରଞ୍ଜାମ, ଖଟ, ପଲଙ୍କ, ଆସବାବପତ୍ର ଆଦିକୁ ମେସ୍କୋ କର୍ତ୍ତୃପକ୍ଷ ୭ ଦିନ ମଧ୍ୟରେ ଅନ୍ୟତ୍ର ନେଇ ଯିବାକୁ ସମୟ ଦିଆଯାଇଥିବା ଜଣାପଡିଛି।

## ବୋହୂଙ୍କୁ ଗାଁ ଦାଣ୍ଡରେ ମାଡ଼ ମାରି ଶ୍ୱଶୁର ଗିରଫ

**କୋରେଇ,୨୫ା୯(ସ୍ୱ.ପ୍ର.)**

କୋରେଇ ଥାନା ଅନ୍ତର୍ଗତ ଘନେଶ୍ୱର ପଞ୍ଚାୟତ ଘନେଶ୍ୱର ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାରିବାରିକ କଳହକୁ କାରଣରୁ ଜଣେ ମହିଳାଙ୍କୁ ତାଙ୍କ ଶ୍ୱଶୁର ଓ ଶାଶୁ ଗ୍ରାମ ଦାଣ୍ଡରେ ଘୋଷାରି ଘୋଷାରି ମାଡ଼ ମାରିଛନ୍ତି। ଏହି ଘଟଣାର ଭିଡିଓ ସୋମିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଏହାକୁ ଗୁରୁତର ସହ ନେଇ ଅଭିଯୁକ୍ତ ଶ୍ୱଶୁର ନବୀନ ବେହେରାଙ୍କୁ ଗିରଫ କରିଛି। ପୋଲିସ ଉକ୍ତ ମହିଳାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଭାରାପ୍ରାପ୍ତ ଥାନା ଅଧିକାରୀ ରଞ୍ଜିତ କୁମାର ମହାନ୍ତି କହିଛନ୍ତି।

## ସମିତି ସଭ୍ୟାଙ୍କ ନାମରେ ରାଶନ କାର୍ଡ
### ବିଡିଓଙ୍କ ନିକଟରେ ଅଭିଯୋଗ

**କୋରେଇ, ୨୫ା୯(ସ୍ୱ.ପ୍ର.)**

କୋରେଇ ବ୍ଲକ ତୁଳତୀ ପଞ୍ଚାୟତ ସମିତି ସଭ୍ୟା ସୁଷମା ଦାସ ରାଶନ କାର୍ଡ ହାତେଇଥିବା ଅଭିଯୋଗ ହୋଇଛି। ଏ ନେଇ ବୁଧବାର କୋରେଇ ଗ୍ରାମର ରାଜେନ୍ଦ୍ର ଜେନା ଏବଂ ପ୍ରଫୁଲ୍ଲ ଜେନାଙ୍କ ନେତୃତ୍ୱରେ ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଭିଯୋଗ ହେବାପରେ ସମିତି ସଭ୍ୟା ସୁଷମା କୋରେଇ ବ୍ଲକ କାର୍ଯ୍ୟାଳୟରେ କାର୍ଡଟିକୁ କାଟିବା ପାଇଁ ବିଡିଓଙ୍କୁ ଦରଖାସ୍ତ କରିଥିବା ଜଣାପଡିଛି। ରାଶନ୍ କାର୍ଡ ପାଇବା ସମୟରେ ତାଙ୍କର କୋଠାଘର ନ ଥିଲା । ସେ ୨୦୧୯ ଅଗଷ୍ଟରେ ଛାତଘର ନିର୍ମାଣ କରିଛନ୍ତି। ତେଣୁ ରାଶନ୍ କାର୍ଡକୁ ଫେରେଇ ନେବା ପାଇଁ ବିଡିଓଙ୍କୁ ଦରଖାସ୍ତ ସହ ଅରଜିନାଲ୍ କାର୍ଡ ଫେରସ୍ତ କରିଛନ୍ତି। ପ୍ରକାଶ ଯେ, ସମିତି ସଭ୍ୟା ସୁଷମାଙ୍କ ସ୍ୱାମୀ ରେହେମାନପୁର ଗ୍ରାମର ନାରଣ ଦାସଙ୍କର ଦୁଇ ମହଲା ଘର, ମୋଟର ସାଇକେଲ ଓ ଟେଣ୍ଟ୍ ହାଉସ୍ ବ୍ୟବସାୟ ରହିଛି। ତଥାପି ତାଙ୍କ ନାମରେ ରାଶନ୍ କାର୍ଡ ନଂ–୧୩୦୮୨୨୧୧୩୧୫, ତା.୨୬ା୧୦ା୨୦୧୫ରେ ଇସ୍ୟୁ କରାଯାଇଛି। ଏହାକୁ ବିରୋଧ କରି ଗ୍ରାମବାସୀ ବିଡିଓଙ୍କ ନିକଟରେ ତଦନ୍ତ ଦାବି କରିଥିଲେ।

# ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

**ଡୁବୁରୀ/ କଳିଙ୍ଗନଗର, ୨୫ା୯ (ଡି.ଏନ୍.ଏ.)**

କଳିଙ୍ଗନଗର ଥାନା ଅନ୍ତର୍ଗତ ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ମଙ୍ଗଳବାର ନାବାଳିକାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୧୬୩/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଏହି ଥାନା ଅନ୍ତର୍ଗତ ଶଗହଗୁଳା ଗ୍ରାମର ରବୀନ୍ଦ୍ର ମହାନ୍ତ (୨୧)। ଗୁରୁବାର ଉଭୟଙ୍କ ଡାକ୍ତରୀ ମଇନା କରାଯିବ ବୋଲି କଳିଙ୍ଗନଗର ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟନାୟକ କହିଛନ୍ତି। ପ୍ରକାଶ ଯେ, ଥାନା ଅଞ୍ଚଳର ଉକ୍ତ ନାବାଳିକା ଛାତ୍ରୀ ଜଣଙ୍କ ଗତ ୨୦ ତାରିଖରେ ସ୍ଥାନୀୟ ଅଞ୍ଚଳରେ ଥିବା ଖେଳ ପଡିଆକୁ ଫୁଟବଲ ମ୍ୟାଚ୍ ଦେଖିବାକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ରବୀନ୍ଦ୍ର ତାଙ୍କୁ ଅପହରଣ କରି ନେଇ ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରିଥିଲେ। ପରେ ପୀଡିତା ଛାତ୍ରୀଙ୍କୁ ଜୋରଜବରଦସ୍ତ ମାନପୁର ଅଞ୍ଚଳକୁ ନେଇ ଯାଇଥିଲେ। କିନ୍ତୁ ୨୧ ତାରିଖରେ ପୀଡିତାଙ୍କୁ ଆଣି ଡୁବୁରୀ ଛକରେ ଛାଡିଦେଇ ଚାଲିଯାଇଥିଲେ। ଏହାପରେ ପୀଡିତା ଜଣଙ୍କ ରବୀନ୍ଦ୍ରଙ୍କ ଘରକୁ ଯାଇ ସେଠାରେ ବସିରହିଥିଲେ। ଖବର ପାଇ ପରିବାର ଲୋକେ ଏବଂ ଗ୍ରାମବାସୀ ସେଠାରେ ପହଞ୍ଚି ପୀଡିତାଙ୍କୁ ଆଣିଥିଲେ। ଘଟଣାକୁ ନେଇ ଉଭୟ ପକ୍ଷରୁ ସମାଧାନ ପାଇଁ ଉଦ୍ୟମ ହୋଇଥିଲା। ହେଲେ ପୀଡିତା ନାବାଳିକା ହୋଇଥିବାରୁ ପରିବାର ଲୋକେ ବିବାହ ପାଇଁ ରାଜି ହୋଇ ନ ଥିଲେ। ଏଥିରେ ବିବାଦ ଦେଖାଦେବାରୁ ମଙ୍ଗଳବାର ରାତିରେ ପୀଡିତାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ।




## ■ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବର
# କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ତାଗିଦ କଲେ ଉପଜିଲାପାଳ

**କୋରେଇ,୨୫ା୯(ସ୍ୱ.ପ୍ର.)**

କୋରେଇ ପଞ୍ଚାୟତ ସମିତି ସଭା ଗୃହରେ ବୁଧବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର(ଏମ୍‌ଜିଏନ୍‌ଆରଇଜିଏସ୍) ଜନ ଶୁଣାଣି ଶିବର ଅନୁଷ୍ଠିତ ହୋଇଯାଇଛି। କୋରେଇ ପଞ୍ଚାୟତ ସମିତିଅଧକ୍ଷା ମାଳତୀ ଗୁଡ୍ଡୁଙ୍କ ଅଧକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ଉମାକାନ୍ତ ପରିଡା ଯୋଗଦେଇ ଜନଶୁଣାଣି ଶିବିର ସମ୍ପର୍କରେ ଅବଗତ କରିଥିଲେ। ମୁଖ୍ୟ ଅତିଥିଭାବେ ଉପଜିଲାପାଳ ନାରାୟଣ ଧଳ, ଏବିଡିଓ ଅସିତ୍ ପାତ୍ର, ଏପିଓ ରବି ନାରାୟଣ ସାହୁ, ସାମାଜିକ ସମୀକ୍ଷକ ଆୟୁଷମାନ ମହାନ୍ତ ଯୋଗଦେଇଥିଲେ। ତେବେ ଶୁଣାଣି ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯାଇ ନ ଥିବାରୁ ସାଧାରଣ ଅଭିଯୋଗକାରୀ ଆସି ନ ଥିବାବେଳେ ପଞ୍ଚାୟତ ସମିତି ସଭ୍ୟାସଭ୍ୟ କେବଳ ଅଭିଯୋଗ ଦାଖଲ କରିଥିଲେ। ଏହି ଅଭିଯୋଗଗୁଡିକର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଉପଜିଲାପାଳ ଧଳ କହିଛନ୍ତି। ଏଥିସହ ମକୁନ୍ଦପୁର, ପଚ୍ଛିକୋଟ, କାଚରାସାହି, ପାଟରଙ୍ଗା ଆଦି ପଞ୍ଚାୟତରେ ମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ତ୍ୱରାନିତ କରିବା ପାଇଁ ବିଡିଓ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍‌ଙ୍କୁ ତାଗିଦ୍ କରିଥିବା ଜଣାପଡିଛି। ଶିବିରରେ ୨୦୧୮ ଏପ୍ରିଲରୁ ୨୦୧୯ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ କରାଯାଇଥିବା କାର୍ଯ୍ୟର ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ବିଗତ ଦିନରେ କରାଯାଇଥିବା ଭୁଲ ତ୍ରୁଟିକୁ ସଂଶୋଧନ କରି ଆମାଗୀ କାର୍ଯ୍ୟପନ୍ଥାସ୍ଥିର କରିବା ସହ ଅଯୋଗ୍ୟ ଜବ କାର୍ଡଧାରୀଙ୍କୁ ବାଦଦେବା, ସ୍କୁଲ କଲେଜ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକଙ୍କୁ କାମ ଦେବାରୁ ଦୂରେଇ ରଖି ସ୍ୱଚ୍ଛତା ଭିତ୍ତିରେ କାମ କରୁବା, ୨୮ ପଞ୍ଚାୟତରେ ମୋଟ ୩୮୨୨ଟି ପ୍ରକଳ୍ପରୁ ୮୧୮ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୮୨୭୯ ଜଣ କାମ ପାଇଁ ଆବେଦନ କରିଥିବା ବେଳେ ୭୫୯୪ ଜଣଙ୍କୁ କାମ ଯୋଗାଯାଇଛି। ୪୭ଜଣଙ୍କୁ ୧୦୦ ଦିନର କାମ ଯୋଗାଯାଇଥିବା ବେଳେ ୩ଲକ୍ଷ ୧ହଜାର ୯ଶହ ୫୭ କର୍ମ ଦିବସ ସୃଷ୍ଟି କରାଯାଇ ଏଥିରେ ୭୫୪୪ ପରିବାର କର୍ମ ନିଯୁକ୍ତି ପାଇଛନ୍ତି। ଏଥି ନିମନ୍ତେ ମୋଟ ୮ କୋଟି ୭୫ ଲକ୍ଷ ୯୧ହଜାର ଟଙ୍କା ବ୍ୟୟ ହୋଇଥିବା ବିଡିଓ ସୂଚନା ଦେଇଥିଲେ। ଶିବିରରେ ତୁଳତୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆରଏସ୍ ଉକ୍ତ ନେଇ ହିତାଧିକାରୀଙ୍କ କାର୍ଯ୍ୟ କରୁଥିବା ପଞ୍ଚାୟତ ସମିତି ସଭ୍ୟା ସୁଷମା ଦାସ ଅଭିଯୋଗ କରିଥିଲେ। ସେହିପରି ବନ୍ଧାଳ ସମିତି ସଭ୍ୟ ନୀଳାଦ୍ରି ଭୂଷଣ ସାହୁ ୧୫ଜଣ ହିତାଧିକାରୀ ମନରେଗା ଅର୍ଥ ପାଇ ନ ଥିବା ଅଭିଯୋଗ କରିଛନ୍ତି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ବିପଦସଙ୍କୁଳ କୁସୁମୀ ମାଳବନ୍ଧ ରାସ୍ତା



**ଖଣ୍ଡପଡ଼ା,୨୫।୯(ସ୍ୱ.ପ୍ର.):** କଣ୍ଟିଲୋ ଜଳସମ୍ପଦ ବିଭାଗ ଅଧୀନ ତଥା ଖଣ୍ଡପଡା ଅଞ୍ଚଳ ଦେଇ ପ୍ରବାହିତ କୁସୁମୀ ନଦୀ ପାର୍ଶ୍ୱ ମାଳବନ୍ଧ ରାସ୍ତା କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। ଫଳରେ ଏହା ଜନସାଧାରଣଙ୍କ ଯାତାୟାତ ନିମନ୍ତେ ବିପଦସଙ୍କୁଳ ହୋଇପଡିଛି। ଉକ୍ତ ମାଳବନ୍ଧର ଉଭୟ ପାର୍ଶ୍ୱ ରାସ୍ତାରେ ଆଖପାଖ ଅଞ୍ଚଳର ଜନସାଧାରଣ ଦୈନିକ ଯା'ଆସ କରିଥାନ୍ତି। ଖଣ୍ଡପଡ଼ା-ଭାପୁର ପୂର୍ତ୍ତ ବିଭାଗ ରାସ୍ତାର ଆମ୍ବନାଳ ସେତୁ ପାର୍ଶ୍ୱରୁ ଉଭୟ ପଟକୁ ସଂଯୋଗ କରୁଥିବା କୁସୁମୀ ମାଳବନ୍ଧ ରାସ୍ତାଟି ଦୀର୍ଘବର୍ଷ ତଳୁ ପିଚୁ ହେବା ଉଦ୍ଦେଶ୍ୟରେ ମେଟାଲିଂ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହା ପିଚୁ ନ ହେବାରୁ ରାସ୍ତାରୁ ମେଟାଲ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇଗଲାଣି। ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ଜମାହୋଇ ରାସ୍ତା ବିପଦପୂର୍ଣ୍ଣ ହୋଇପଡିଛି। ଜରୁରିକାଳୀନ ପରିସ୍ଥିତିରେ ୧୦୮, ୧୦୨ ଆମ୍ବୁଲାନ୍ସ, ଅଗ୍ନିଶମ ସେବା ଗାଡ଼ି ଉକ୍ତ ରାସ୍ତାଦେଇ ଯାତାୟାତ ନିମନ୍ତେ ଅନିଚ୍ଛା ପ୍ରକାଶ କରୁଛନ୍ତି। ମାଳବନ୍ଧ ରାସ୍ତାର ପ୍ରଶସ୍ତୀକରଣ ସହ ପିଚୁ କରିବା ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡା ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ କନିଷ୍ଠଯନ୍ତ୍ରୀ ସସ୍ମିତା ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏହି ମାଳବନ୍ଧର ଉନ୍ନତୀକରଣ ପାଇଁ ପ୍ରସ୍ତାବ ରହିଛି। ଏଥିଲାଗି ଟେଣ୍ଡର ଡକାଯିବାର ବ୍ୟବସ୍ଥା ହେଉଥିବା ସେ ସୂଚନା ଦେଇଥିଲେ।

### ଲଗାଣ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

**ଖଣ୍ଡପଡ଼ା,୨୫।୯(ସ୍ୱ.ପ୍ର.):** ଗତ ୩ଦିନ ଧରି ଅବିଶ୍ରାନ୍ତ ବର୍ଷା ଲାଗି ରହିଥିବାରୁ ଖଣ୍ଡପଡା ଅଞ୍ଚଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ତଳିଆ ଅଞ୍ଚଳରେ ବର୍ଷା ପାଣି ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବସ୍ତିବାସିନ୍ଦାଙ୍କ ବାସଗୃହ ମଧ୍ୟରେ ବର୍ଷାଜଳ ପ୍ରବେଶ କରୁଛି। ଝାଟିମାଟି ଚାଳ ଛପର ଘରେ ବସବାସ କରୁଥିବା ଲୋକେ ଏଥିଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଦୁଇଓଳି ରୋଷେଇ କରି ଖାଇବା ସେମାନଙ୍କ ପାଇଁ କାଠିକର ପାଠ ହୋଇପଡିଛି। ଅପରପକ୍ଷେ ପନିପରିବା ଓ ଧାନଜମିରେ ବର୍ଷାପାଣି ଜମିରହିଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଚଳିତବର୍ଷ ଫନି ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରଗୁଡିକୁ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ଆର୍ଥିକ ସହାୟତା ରାଶି ମିଳି ପାରିନାହିଁ। ଫଳରେ ବାସଗୃହ ହରାଇଥିବା ପରିବାରଗୁଡିକ ଲଗାଣ ବର୍ଷା ପ୍ରଭାବରେ ହନ୍ତସନ୍ତ ହେଉଥିବା ଜଣାପଡିଛି। କ୍ଷତିଗ୍ରସ୍ତ ପରିବାରଗୁଡିକୁ ତୁରନ୍ତ ଆର୍ଥିକ ସହାୟତା ରାଶି ଯୋଗାଇଦେବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ୧୬ନଂ. ଜାତୀୟ ରାଜପଥର ବାଇପାସ୍ ରୋଡ୍

# ଓଭରବ୍ରିଜ୍ ନ ହେଲେ ରୋକାଯାଇ ପାରିବନି ଦୁର୍ଘଟଣା

**ରଣପୁର,୨୫।୯(ସ୍ୱ.ପ୍ର.)**

- ଜିଲାପାଳଙ୍କୁ ଫେରାଦ ହେଲେ ଅଞ୍ଚଳବାସୀ
- ବାରମ୍ବାର ଆନ୍ଦୋଳନ ପରେ ନିର୍ମାଣ ଚାଲିଛି ୬ଲେନ ରାସ୍ତା

କୋଲକତା-ଚେନ୍ନାଇ ୧୬ନଂ. ଜାତୀୟ ରାଜପଥର ନୟାଗଡ଼ ଜିଲା ଚାନ୍ଦପୁରଠାରେ ବାଇପାସ୍ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି, ଆପତ୍ତି, ଅଭିଯୋଗ ଓ ଆନ୍ଦୋଳନ ପରେ ୬ଲେନ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ଓଭରବ୍ରିଜ କରା ନ ଗଲେ ଏଠାରେ ଦୁର୍ଘଟଣା ରୋକାଯାଇପାରିନି ବୋଲି ମତଦେଇ ସ୍ଥାନୀୟ ଲୋକେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେମାନେ ବାଇପାସ୍ ନିର୍ମାଣକୁ ବିରୋଧ କରୁ ନ ଥିଲେ ମଧ ଓଭରବ୍ରିଜ ହେଉ ନ ଥିବାରୁ ଜୀବନ ବଞ୍ଚାଇବାକୁ ଆନ୍ଦୋଳନ କରିବାକୁ ପଡିବ ବୋଲି ସୂଚନା ଦେଇଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ କେରଣ୍ଡାଟାଙ୍ଗୀ ଓ କନ୍ଧ ନୂଆଗଡ଼ ପଞ୍ଚାୟତର ମଧ୍ୟସ୍ଥଳୀ ହେଉଛି ଚାନ୍ଦପୁର। ଏଠାରେ ବସନ୍ତମଞ୍ଜରୀ ସାଧାରଣ ଚିକିତ୍ସାଳୟ ଓ ବଡ ବଜାର ରହିଥିବାରୁ ସବୁବେଳେ ଗହଳି ଲାଗିରହେ। ତେବେ ବାଇପାସ୍ ନିର୍ମାଣ ପରେ ଚାନ୍ଦପୁର ଅଞ୍ଚଳ ଦୁର୍ଘଟଣା ଜୋନ ପାଲଟିଛି। ଗତ ୨ମାସ ମଧ୍ୟରେ ୧୨୩ଟି ଦୁର୍ଘଟଣା ଘଟି ସାରିଲାଣି। ଦୁର୍ଘଟଣାକୁ ଏଡାଇବା ପାଇଁ ସ୍ଥାନୀୟ ବାସିନ୍ଦା ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରିଆସୁଛନ୍ତି। ହେଲେ ଏହି ଦାବିକୁ ପ୍ରଶାସନ ଅଣଦେଖା କରୁଥିବାରୁ ସ୍ଥାନୀୟ ଲୋକଙ୍କ ପାଇଁ ଏହା ଚିନ୍ତାର କାରଣ ପାଲଟିଛି। ପ୍ରଶାସନ ଉପରେ ଚାପ ସୃଷ୍ଟି କରିବା ନିମନ୍ତେ ଗତ ୧୫ ତାରିଖରେ ସ୍ଥାନୀୟ ଜନସାଧାରଣ ଓ ଲୋକପ୍ରତିନିଧିଙ୍କ ଏକ ମିଳିତ ବୈଠକ ବସିଥିଲା। ଓଭରବ୍ରିଜ ନିର୍ମାଣ କରିବାରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଥିଲା। ବୈଠକର ନିଷ୍ପତ୍ତି ଅନୁସାରେ ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ୨୪ନଂ. ଜିଲାପରିଷଦ ସଭ୍ୟ ବିଜୟ କେତନ ସାହୁ, ଚାନ୍ଦପୁର ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, କନ୍ଧନୟାଗଡ଼ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଏକ ଟିମ୍ ଗତ ୨୦ତାରିଖରେ ନୟାଗଡ଼ ଜିଲାପାଳଙ୍କୁ ଭେଟି ଏହି ମର୍ମରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଦର୍ଶାଇଛନ୍ତି।

## ୫୫ କେଜି ପଲିଥିନ, ପ୍ଲାଷ୍ଟିକ ଜବତ

**ଓଡ଼ଗାଁ,୨୫।୯(ସ୍ୱ.ପ୍ର.)**



ଏନ୍ଏସି ଅଧିକାରୀଙ୍କ ଦ୍ୱାରା ପ୍ଲାଷ୍ଟିକ୍ ଜବତ କରାଯାଉଛି।

ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଉପରେ କେନ୍ଦ୍ର ଓ ରାଜ୍ୟ ସରକାର କଟକଣା ଲାଗୁ କରୁଥିବା ବେଳେ ଏନେଇ ବ୍ୟବସାୟୀ ଓ ଗ୍ରାହକମାନେ ବେଧଡକ ଏହାର ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଏପରିସ୍ଥଳେ ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ଭିତରକୁ ପ୍ଲାଷ୍ଟିକ ଓ ପଲିଥିନ ପ୍ରବେଶ ନିଷେଧ କରିବା ସହିତ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପଲିଥିନ ମୁକ୍ତ କରିବାକୁ ପ୍ରଥମେ ସ୍ଥାନୀୟ ଓ ଲର୍ନିଂ ଏବଂ ଧରିତ୍ରୀ ତରଫରୁ ମନ୍ଦିର ନିକଟରୁ ହିଁ ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଫଳସ୍ୱରୂପ ମନ୍ଦିର ଭିତରକୁ ପଲିଥିନ ମୁଣା ବଦଳରେ ବାଉଁଶ ଡାଲାର ବ୍ୟବହାର ଆରମ୍ଭ ହୋଇଥିଲା। ହେଲେ ଏନଏସି ତରଫରୁ ସଚେତନତା କରାଯାଇଥିବା ବେଳେ କେତେକ ଅସାଧୁ ବ୍ୟବସାୟୀ ଏହାର କାରବାର ବନ୍ଦ କରିନଥିଲେ। ମଙ୍ଗଳବାର ଏନଏସି ତରଫରୁ ସମସ୍ତଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବିକ୍ରି ଓ ବ୍ୟବହାର ନ କରିବାକୁ ମାଇକ ମାଧ୍ୟମରେ ଚେତାବନୀ ଦିଆଯାଇଥିଲା। ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ର ସ୍ଥାନୀୟ ପୋଲିସ ସହାୟତାରେ କଦମ ବଜାର, ଲକ୍ଷ୍ମୀ ବଜାର, ଗଣେଶ ବଜାର ଆଦିରେ ଥିବା ଗୋଟିଏ ଗୋଦାମ ସହିତ ୧୬ ଦୋକାନ ଉପରେ ଚଢାଉ କରିଥିଲେ। ନିର୍ବାହୀ ଅଧିକାରୀ ସେମାନଙ୍କଠାରୁ ସମୁଦାୟ ୫୫ କିଗ୍ରା ୩୨୦ ଗ୍ରାମ୍ର ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ, ପଲିଥିନ ଓ ଥର୍ମୋକୁଲ ପ୍ଲେଟ, ଗ୍ଲାସ ଓ ଦନା ଆଦି ଜବତ କରିଥିଲେ। ସେମାନଙ୍କୁ ଚେତାବନୀ ଦେବା ସହିତ ପ୍ରାଥମିକ ସ୍ତରରେ ମାତ୍ର ୫୫୦ ଟଙ୍କା ଫାଇନ ସ୍ୱରୂପ ଆଦାୟ କରିଥିଲେ। ଆଗାମୀ ଦିନରେ ଏହିପରି ଚଢାଉ ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଚଢାଉରେ ଏନଏସି ଷ୍ଟାଫ୍ଙ୍କ ସହିତ ପୋଲିସ ଏଏସଆଇ ଯୁଗଳ କିଶୋର ନାୟକ ଓ ହାବିଲଦାର ବିରେନ୍ଦ୍ର ମହାପାତ୍ର ସାମିଲ ହୋଇଥିଲେ।

## ପୋଲିସ କର୍ମଚାରୀ ଘର ଭାଙ୍ଗିଦେଲେ

# ଧାରଣା ଦେଲେ ବିପନ୍ନ ପରିବାର

**ନୟାଗଡ଼ ଅଫିସ,୨୫।୯**



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପରିବାର ଲୋକ ଧାରଣାରେ ବସିଛନ୍ତି।

ନୟାଗଡ଼ ଜିଲା ଶରଣକୁଳ ଥାନାରେ କାର୍ଯ୍ୟରତ ଜଣେ ପୋଲିସ କର୍ମଚାରୀ ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧସ୍ଥିତ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏକ ସରକାରୀ ଜମିରେ ଉକ୍ତ ପରିବାର ଘର କରି ରହିଥିଲେ। ଉକ୍ତ ପରିବାର ସଦସ୍ୟମାନେ ନ୍ୟାୟ ପାଇଁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। କିଛି ଦିନ ଭିତରେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ପରିବାର ଲୋକେ ପୁନର୍ବାର ଧାରଣା ଦେବେ ବୋଲି ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଖୁଣ୍ଟୁବନ୍ଧ ଜେଲ ରୋଡ଼ସାହିରେ ଏକ ସରକାରୀ ଜମିରେ ଘର କରି ୨୦ ବର୍ଷ ଧରି ସୁଦାମ ମଲିକ ନାମକ ଜଣେ ବ୍ୟକ୍ତି ପରିବାର ସହିତ ରହି ଆସୁଛନ୍ତି। ସେ ଅନୁସୂଚିତ ଜାତିର ହୋଇଥିବା ବେଳେ ସ୍ତ୍ରୀ ଓ ତିନି ଝିଅ ପୁଅଙ୍କୁ ନେଇ ତାଙ୍କ ପରିବାର। ତେବେ ଉକ୍ତ ସ୍ଥାନରେ ଜଣେ ପୋଲିସ କର୍ମଚାରୀଙ୍କ ଜାଗା ରହିଛି। ପୋଲିସ କର୍ମଚାରୀ ଜଣଙ୍କ ସୁଦାମଙ୍କୁ ସେଠାରୁ ହଟାଇ ଦେବା ପାଇଁ ଚକ୍ରାନ୍ତ କରି ବିଭିନ୍ନ ସମୟରେ ଧମକ ଦେବା ସହ ଗାଳିଗୁଲଜ ମଧ୍ୟ କରୁଥିବା ଅଭିଯୋଗ ହୋଇଛି। କିଛି ଦିନ ତଳେ ସମ୍ପୃକ୍ତ ପୋଲିସ କର୍ମଚାରୀ କିଛି ଲୋକଙ୍କ ସହାୟତାରେ ବୁଲଡୋଜର ମାଧ୍ୟମରେ ତାଙ୍କ ଦୁଇଟି ଚାଳ ଘରକୁ ଭାଙ୍ଗି ଦେଇଥିବା ସୁଦାମ ପ୍ରକାଶ କରିଛନ୍ତି। ଫଳରେ ବର୍ତ୍ତମାନ ସୁଦାମଙ୍କ ପରିବାର ଅନ୍ୟ ବାରଣ୍ଡା ନଚେତ ଗଛ ତଳେ ରହୁଛନ୍ତି। ଏ ନେଇ ସୁଦାମ ଓ ତାଙ୍କ ସ୍ତ୍ରୀ ପାର୍ବତୀ ବିଭିନ୍ନ ସ୍ଥାନରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ବାଧ ହୋଇ ବୁଧବାର ଅପରାହ୍ନରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସଦର ଥାନା ଅଧିକାରୀ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ପରିବାର ଲୋକ ଧାରଣାରୁ ଉଠି ଆସିଥିଲେ। ପ୍ରଶାସନ ଏ ଦିଗ ପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟାଳୟସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ

**ଦଶପଲ୍ଲା,୨୫।୯(ଡି.ଏନ.ଏ.)**

ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦୁଇ ଦିନିଆ ବିଦ୍ୟାଳୟସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଚକ୍ଷୁ ସମସ୍ୟା ଥିବା ପିଲାମାନଙ୍କୁ ଚଷମା ପ୍ରଦାନ କରାଯିବା ସହ ଅସ୍ତ୍ରୋପଚାର କରାଯିବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଦଶପଲ୍ଲା ଉଚ୍ଚ ବିଦ୍ୟାଳୟଠାରେ ୧୪୭ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ବୁଧବାର କୁଲୁରୁକୁମ୍ପା ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ୮୫ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ନୟାଗଡ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚକ୍ଷୁ ସହାୟକ ଉମାକାନ୍ତ ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କର୍ମଚାରୀଙ୍କ ସମେତ ବିଆର୍‌ସି କର୍ମଚାରୀମାନେ ଉପସ୍ଥିତ ଥିଲେ।



## ଓଡ଼ଗାଁ କଲେଜ: ପଦାର୍ଥ ବିଜ୍ଞାନ ସମ୍ମାନ ବିଭାଗର ସ୍ୱାଗତ ଉତ୍ସବ

# ପରମ୍ପରା ହିଁ ବିଜ୍ଞାନ

**ଓଡ଼ଗାଁ,୨୫।୯(ସ୍ୱ.ପ୍ର.)**

ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ସମ୍ମାନ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଇଂରାଜୀ ବିଭାଗୀୟ ମୁଖ୍ୟ ବିଶ୍ୱନାଥ ମହାରଣା ଓଡ଼ଗାଁରେ ବିଜେ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସେ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ନୂତନ ବର୍ଷର ବିଦ୍ୟାର୍ଥୀ ଓ ଅତିଥିମାନଙ୍କୁ ଫୁଲ ଚନ୍ଦନ ପ୍ରଦାନ କରି ସ୍ୱାଗତ କରାଯାଇ ଥିଲା। ପୁରାତନ ଛାତ୍ରୀଛାତ୍ରମାନେ ପଦାର୍ଥ ବିଜ୍ଞାନକୁ ଫାଦର ଅଫ୍ ସାଇନ୍ସ ଏବଂ ଗଣିତକୁ ବିଜ୍ଞାନର ଭାଷା ବୋଲି ବର୍ଣ୍ଣନା କରିବା ସହିତ ଏଥି ନିମନ୍ତେ ବ୍ୟାପକ ଅଭ୍ୟାସ ଓ ଅଧ୍ୟୟନର ଆବଶ୍ୟକତା ଥିବା ବକ୍ତବ୍ୟରେ କହିଥିଲେ। ସେହିପରି ପରମ୍ପରା ହିଁ ବିଜ୍ଞାନ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ବିଦ୍ୟାର୍ଥୀମାନେ ବେଶଭୂଷା, ଚାଲିଚଳନ ଓ ଆଚାର ବ୍ୟବହାରରେ ସଂଯମତା ରକ୍ଷା କରିପାରିଲେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିବେ ବୋଲି କହିଥିଲେ। ଏଥିରେ ଅଧ୍ୟାପକ ବାବାଜୀ ପରିଡା, ପ୍ରଦୀପ କୁମାର ସାଥୁଆ, ଡ. ସୁକାନ୍ତ କୁମାର ସାହୁ, ପବିତ୍ର କୁମାର ସାହୁ, ପ୍ରଶାନ୍ତ କୁମାର ମିଶ୍ର, ଅଧ୍ୟାପିକା ମୌସୁମୀ ମହାପାତ୍ର, ନିରୁପମା ଦଳବେହେରା, ଶ୍ୱେତପଦ୍ମା ନାୟକ, ଶିକ୍ଷାବିତ୍ ସାରସ କୁମାର ମିଶ୍ର ଅଂଶ ଗ୍ରହଣ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରସନ୍ନ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟୟନ ଗୋଷ୍ଠୀ ସହ ସମ୍ପାଦକ ମିତାଲି ବାରିକ ଓ ତପନ କୁମାର ଷଡଙ୍ଗୀ ସହଯୋଗ କରିଥିଲେ।



ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ଫତେଗଡ଼ରେ କୃଷକ ସମ୍ପର୍କ ମେଳା

**ଭାପୁର,୨୫।୯(ଡି.ଏନ.ଏ.)**



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

ଭାପୁର ବ୍ଲକ ଫତେଗଡ଼ ଗ୍ରାମରେ ବୁଧବାର ଏକ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ କୃଷି ମନ୍ତ୍ରୀ ଡ.ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକମାନଙ୍କ ବିକାଶ ନିମନ୍ତେ ରାଜ୍ୟ ସରକାର ଅନେକ ଲୋକାଭିମୁଖୀ କାର୍ଯ୍ୟକ୍ରମ ଗ୍ରହଣ କରିଥିବା କହିଥିଲେ। କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ଏଭଳି ସକାରାତ୍ମକ ପଦକ୍ଷେପ ପାଇଁ ଅତୀତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାକୁ କୃଷି କର୍ମଣ ପୁରସ୍କାର ମିଳିଛି ବୋଲି ଡ.ସାହୁ ପ୍ରକାଶ କରିଥିଲେ। ଏହି ସମାବେଶରେ ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ସେହିପରି ନୟାଗଡ଼ କୃଷି ଉପନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ଦାଶ,ଜିଲା କୃଷି ଅଧିକାରୀ ବାସୁଦେବ ବେହେରା, ଭାପୁର ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ ପଟ୍ଟନାୟକ, ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ଅଜିତ କୁମାର ନାୟକ, ଫତେଗଡ଼ ସରପଞ୍ଚ ତୋଫାନ ପ୍ରଧାନ, ଭାପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ବିଜୟ କୁମାର ସାମନ୍ତରାୟ, ସମାଜିକ କର୍ମୀ ବେଣୁଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ସ୍ୱଚ୍ଛ ସାଥୀ ଚୟନରେ ଅନିୟମିତତା

**ରଣପୁର,୨୫।୯(ସ୍ୱ.ପ୍ର.)**

- ଆବେଦନକାରୀଙ୍କୁ ଅଣଦେଖା
- ଅଣଆବେଦନକାରୀଙ୍କୁ ଅନୁକମ୍ପା ଦେଖାଇ ନିଯୁକ୍ତି

ରଣପୁର ଏନ୍ଏସିରେ ସ୍ୱଚ୍ଛ ସାଥୀ ଚୟନରେ ଅନିୟମିତତା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥିରେ ଆବେଦନକାରୀଙ୍କୁ ଅଣଦେଖା କରାଯାଇ ଅଣଆବେଦନକାରୀଙ୍କୁ ଅନୁକମ୍ପା ଦେଖାଇ ନିଯୁକ୍ତି ମିଳିଛି ବୋଲି ଦର୍ଶାଯାଇଛି। ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ରଣପୁର ଏନ୍ଏସିରେ ୩ ସ୍ୱଚ୍ଛ ସାଥୀ ଓ ୧ ସୁପରଭାଇଜର ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ କେବଳ ୩ ସ୍ୱଚ୍ଛ ସାଥୀଙ୍କ ନିଯୁକ୍ତି କାର୍ଯ୍ୟ ପ୍ରଥମେ ହୋଇଥିଲା। ଏଥିପାଇଁ ୧୩ ଜଣ ଆବେଦନ କରିଥିଲେ। ଯୁକ୍ତ ୨ ପାସ କରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା କେବଳ ଏଥିରେ ନିଯୁକ୍ତି ପାଇବେ ବୋଲି କୁହାଯାଇଥିଲା। ଏଥିପାଇଁ ବିଜ୍ଞାପନ ବାହାରି ନ ଥିଲା। ଏପରିସ୍ଥଳେ ୧୩ ଆବେଦନକାରୀଙ୍କୁ ବାଦ୍ ଦେଇ ୩ ଜଣଙ୍କୁ ନିଯୁକ୍ତି ମିଳିଛି। ନିଯୁକ୍ତି ପାଇଥିବା ୩ ସ୍ୱଚ୍ଛ ସାଥୀଙ୍କୁ ବୁଧବାର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦେଇଛନ୍ତି। ଏଣେତେଣେ ଅଳିଆ ନ ପକାଇ କେବଳ ଡଷ୍ଟବିନ୍‌ରେ ପକାଇବାକୁ ବିଭିନ୍ନ ୱାର୍ଡ ବୁଲି ସଚେତନତା ସୃଷ୍ଟି କରିବା ସ୍ୱଚ୍ଛ ସାଥୀର କାର୍ଯ୍ୟ ବୋଲି କୁହାଯାଇଛି। ଆଗାମୀ ଦିନରେ ପୁଣି ୩ଜଣ ରହିବାର ବ୍ୟବସ୍ଥା ରହିଛି। ଏ ନେଇ ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀର ଲକ୍ଷ୍ମୀପ୍ରିୟା ସାହୁ କୁହନ୍ତି, ମୁଁ ବିଏ ପାସ୍ କରି ଆବେଦନ କରିଥିଲି। ମୋତେ ସୁଯୋଗ ଦିଆଗଲାନି। ମୋଠାରୁ କମ୍ ପାଠ ପଢ଼ି ଆବେଦନ କରି ନ ଥିବା ପ୍ରାର୍ଥୀ ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତା କରାଯାଇ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରାଗଲା ନାହିଁ। ରାନୁପ୍ରିୟା ମଲ୍ଲିକ କୁହନ୍ତି, ମୁଁ ଉଚ୍ଚ ଶିକ୍ଷିତା ହୋଇଥିବାବେଳେ ମୋତେ ଅଣଦେଖା କରାଗଲା। ଆବେଦନ କରିଥିଲେ ବି ମୋତେ ସାକ୍ଷାତକାରକୁ ଡକାଇଲେ ନାହିଁ। ଏନ୍ଏସି ନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକ କୁହନ୍ତି, ସ୍ୱଚ୍ଛ ସାଥୀ ପାଇଁ ବିଜ୍ଞାପନ ପ୍ରକାଶ କରିବାର ଆବଶ୍ୟକତା ନାହିଁ। ଆବେଦନକାରୀଙ୍କ ମଧ୍ୟରୁ ଚୟନ କରାଯିବା ମଧ ନିୟମ ନାହିଁ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଯେଉଁମାନଙ୍କର କାର୍ଯ୍ୟ କରିବାର ଦକ୍ଷତା ରହିଛି ସେପରି ସ୍ୱୟଂ ସହାୟିକା ଗୋଷ୍ଠୀର ୩ଜଣଙ୍କୁ ନିଯୁକ୍ତି ଦିଆଯାଇ ପ୍ରଶିକ୍ଷଣ ଦିଆଯାଇଛି।



ସ୍ୱଚ୍ଛ ସାଥୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ

# ରାତିରେ ମିଳୁନି ସ୍ୱାସ୍ଥ୍ୟସେବା

**ନୟାଗଡ଼ ଅଫିସ,୨୫।୯**

- ଶୋଇବା ପାଇଁ ସୁରକ୍ଷାକର୍ମୀଙ୍କ ଖୋଜାପଡୁଛି ଜାଗା
- ରାତିରେ ୱାର୍ଡରେ ରହୁନାହାନ୍ତି କର୍ମଚାରୀ
- ଆଉଟଡୋର୍‌ରେ ଡାକ୍ତରଙ୍କ ଚୌକି ଖାଲି



ଓପିଡିରେ ଡାକ୍ତରଙ୍କ ଚୌକି ଖାଲି ପଡ଼ିଛି।

ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଜିଲା ସଦର ମହକୁମାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରହିଛି। ୨୪ ଘଣ୍ଟା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଚିକିତ୍ସାଳୟ ଥିବା ବେଳେ ରାତିରେ କିନ୍ତୁ ଠିକ୍ ଭାବେ ରୋଗୀଙ୍କୁ ସେବା ମିଳୁ ନଥିବା ଅଭିଯୋଗ ହେଉଛି। ରାତି ୧୨ଟା ପରେ ଡାକ୍ତର କି ନର୍ସ କାହାରି ଦେଖା ମିଳୁ ନଥିବା କୁହାଯାଉଛି। ଆଉଟଡୋରରେ ଡାକ୍ତରଙ୍କ ଚୌକି ଖାଲି ପଡ଼ିଥିବା ବେଳେ ୱାର୍ଡରେ କେହି ନର୍ସ ରହୁନାହାନ୍ତି। ସେହିଭଳି ସୁରକ୍ଷା ବ୍ୟବସ୍ଥା ପାଇଁ ଥିବା ସିକ୍ୟୁରିଟି ଗାର୍ଡଙ୍କ ଦେଖା ମିଳୁନାହିଁ। ଶନିବାର ବିଳମ୍ବିତ ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟ ବୁଲିବା ପରେ ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା।

ମାତୃ ଓ ଶିଶୁ ଚିକିତ୍ସାଳୟରେ କେହି ସୁରକ୍ଷାକର୍ମୀ ନ ଥିବାରୁ ବିଳମ୍ବିତ ରାତିରେ ଜଣେ ବ୍ୟକ୍ତି ୪ ମହଲାକୁ ଯାଇ ଜଣେ ରୋଗୀ ସମ୍ପର୍କୀୟଙ୍କ ଭ୍ୟାନିଟ୍ ଧରି ଖୋଜାଖୋଜି କରୁଥିଲେ। ଏହି ସମୟରେ ମହିଳା ଜଣଙ୍କ ଉଠି ପଡ଼ି ତାଙ୍କୁ ଧରି ନେଇଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଟାଉନ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ରାତି ବଢ଼ିଲେ ବିଭିନ୍ନ ୱାର୍ଡ ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀଙ୍କ ଆଖିରେ ନିଦ ବଢୁଛି। ଆଖି ପକାଇବା ପାଇଁ ସେମାନେ ଉପଯୁକ୍ତ ଜାଗା ଖୋଜୁଛନ୍ତି। ଆଉ ତାହା ମିଳିବା ମାତ୍ରେ ଯିଏ ଯେଉଁଠି ପାରିଲା ଶୋଇ ପଡୁଛନ୍ତି। ମେଡ଼ିକାଲର କର୍ମଚାରୀମାନେ ଆଉଟଡୋରରେ ଗାଡ଼ି ରଖି ସେଠାରେ ଥିବା ଚେୟାର୍‌ରେ ଶୋଇ ପଡୁଛନ୍ତି। ଖାଲି ସୁରକ୍ଷାକର୍ମୀ ନୁହନ୍ତି, ଡାକ୍ତର ଓ ନର୍ସଙ୍କ ମଧ୍ୟ ସମାନ ଅବସ୍ଥା। ବିଳମ୍ବିତ ରାତିରେ ଦେଖିବାରୁ ଆଉଟ ପୋଷ୍ଟରେ ଡାକ୍ତରଙ୍କ ଚାମ୍ବର ଖାଲି ପଡ଼ିଥିଲା। ସେହିଭଳି ଡାକ୍ତରଙ୍କ ପାଇଁ ଥିବା ଡ୍ୟୁଟି ରୁମ୍‌ରେ ଭିତରପଟୁ କବାଟ ବନ୍ଦଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଭିନ୍ନ ୱାର୍ଡରେ କୌଣସି ନର୍ସଙ୍କ ଦେଖା ମିଳି ନ ଥିଲା। ମେଡ଼ିସିନ୍ ୱାର୍ଡରେ ୬ କ୍ୟାବିନ୍‌ର ଜଣେ ମାତ୍ର ନର୍ସ ଡ୍ୟୁଟି କରୁଥିବା ବେଳେ ଅନ୍ୟମାନେ ଶୋଇ ରହିଥିବା ଦେଖିବାକୁ ମିଳିଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ସାଲାଇନ୍ କିମ୍ବା କୌଣସି ଔଷଧ ପାଇଁ ବାରମ୍ବାର କହିବା ପରେ ନର୍ସମାନେ ଆସି ଦେଇ ଯାଉଥିଲେ। ଫଳରେ ରାତିରେ ଠିକ୍ ଭାବେ ସ୍ୱାସ୍ଥ୍ୟ ସେବା ମିଳୁ ନ ଥିବା ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ସେହିପରି ବ୍ଲଡ ବ୍ୟାଙ୍କ୍‌କୁ ଯାଇ ଦେଖିବାରୁ ଭିତର ପଟୁ ତାହା ଚାବି ପଡ଼ିଥିଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ବର୍ତ୍ତମାନ ନୂଆ ସିକ୍ୟୁରିଟି ରଖାଯାଇଛି। ସେମାନେ ସବୁ ସମୟରେ ସଜାଗ ଥିବା ପ୍ରକାଶ କରିଥିଲେ। ନର୍ସମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଚାମ୍ବରରେ ରହୁଥିବାବେଳେ ଡାକ୍ତରମାନେ ଡ୍ୟୁଟି ରୁମ୍‌ରେ ରହୁଥିବା ପ୍ରକାଶ କରିଥିଲେ। ଯଦି ଡାକ୍ତରମାନେ ତାଙ୍କ ଡ୍ୟୁଟିରୁମ୍‌ରେ ନ ଥିବେ ତାହା ହେଲେ ସେମାନେ ୱାର୍ଡରେ ବୁଲି ରୋଗୀ ଦେଖୁଥିବା ସିଡିଏମ୍ଓ ପ୍ରକାଶ କରିଥିଲେ।